Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 235
Monday, 2 November 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୨ ନଭେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ପୁଣ୍ଡା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ଭୋଟର ଅଧିକାରକୁ ନେଇ ଜାତୀୟ ରାଜନୀତିରେ ତେଜିଲା ତାତି



ନୂଆଦିଲ୍ଲୀ, ୧/୧୧ (ନ୍ୟୁ.ଏ):ଭୋଟ୍ ଅଧିକାରକୁ ନେଇ ଦିଲ୍ଲୀରେ ରାଜନୈତିକ ମହାସମର । SIR ପ୍ରକ୍ରିୟାକୁ ବିରୋଧ କରି ରାଜଧାନୀର ରାମଲୀଳା ମୈଦାନରେ ଏକାଠି ହୋଇଛନ୍ତି ବିରୋଧୀ ଦଳର ହେଭିୱେଟ୍ ନେତା । 'ଭୋଟ୍ ଚୋରି, ଦେଶ ଚଲାନା' ନାରାରେ ବାଜିଛି ପୁରା ମୈଦାନ । କେନ୍ଦ୍ରର ବିଜେପି ସରକାର ଓ ନିର୍ବାଚନ କମିଶନଙ୍କ ବିରୋଧରେ ଖୋଲିଛନ୍ତି ମୋର୍ଚ୍ଚା । ଭୋଟର ତାଲିକାର ସଂଶୋଧନ ନାଁରେ ଭୋଟରଙ୍କ ଅଧିକାରକୁ ସଙ୍କୁଚିତ କରାଯାଉଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ । ଆଜ ଏହି ମଂଚରୁ ପଶ୍ଚିମବଙ୍ଗ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ରଣହୁଙ୍କାର ରାଜନୈତିକ ମାହୋଲକୁ କରିଛି ଆହୁରି ସଗରମ । ବିଜୁାର ରାମଲୀଳା ମୈଦାନ ପାଉଥିଲା ବିରୋଧୀଙ୍କ ଶକ୍ତି ପ୍ରଦର୍ଶନର ମଂଚ । ଭୋଟଂଏ ମଂଚରେ ନଜର ଆସିଥିଲେ ଗୋଷ୍ଠୀରୁ ଗୋଷ୍ଠୀ ନେତା । ଜଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍ଗେ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଓ ମମତା ବାନାର୍ଜୀଙ୍କ ସମେତ ବହୁ ବିରୋଧୀ ନେତା ଏହି ମହାରାଲିରେ ସାମିଲ ହୋଇଥିଲେ । ମିଟଂଗା ଲୋଡ଼ରୁ ରାମଲୀଳା ମୈଦାନ ପର୍ଯ୍ୟନ୍ତ ଶୁରିଥିଲା ଗୋଟିଏ ନାରା । 'ଭୋଟ୍ ଚୋରାଓ, ଦେଶ ବଚାଓ' । ଏହି ନାରା ଜରିଆରେ ବିରୋଧୀ ଦଳଗୁଡ଼ିକ ନିର୍ବାଚନୀ ବ୍ୟବସ୍ଥାର ସ୍ୱଚ୍ଛତା ଏବଂ ଭୋଟରଙ୍କ ଅଧିକାରକୁ ନେଇ ନିଜର ଆଜିମୁଖ୍ୟ ସ୍ପଷ୍ଟ କରିଛନ୍ତି । ତେବେ ଏହି ମହାରାଲିର ଲେହୁଡ଼ିବା ଥିଲା ୫ଡଜ ଅର୍ଥାତ୍ ସ୍ପେଶାଲ୍ ଇଂଟେନ୍ସିଭ୍ ରିଭିଜନ୍ ପ୍ରକ୍ରିୟା । ଏହାଦ୍ୱାରା ଅଭିଯୋଗ, ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଦ୍ୱାରା ବହୁ ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି । ଏହା କେବଳ ଭୋଟର ତାଲିକାର ସଂଶୋଧନ ନୁହେଁ, ବରଂ ସାଧାରଣ ନାଗରିକଙ୍କ ମତଦାନ ଅଧିକାର ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ଯୁକ୍ତି ବାଢ଼ିଛନ୍ତି ବିରୋଧୀ ।ସେମାନଙ୍କ ଦାବି, ଭୋଟର ତାଲିକାରେ ନାଁ ଯୋଡ଼ିବା, ବାଦ୍ ଦେବା ଏବଂ ସଂଶୋଧନ ଜରିବାର ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବା ଆବଶ୍ୟକ । କୌଣସି ଯୋଗ୍ୟ ଭୋଟର ଯେପରି ନିଜର ମତଦାନ ଅଧିକାରରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବା ଦରକାର ।ଏହି ରାଲିରେ ସବୁଠୁ ଅଧିକ ଚର୍ଚ୍ଚାରେ ରହିଥିଲା ମମତା ବାନାର୍ଜୀଙ୍କ ଭାଷଣ । ମଂଚରୁ ସିଧାସଳଖ SIR ପ୍ରକ୍ରିୟାକୁ ନିଶାନା କରିଥିଲେ ମମତା ।

ବନ୍ୟା ପ୍ରଭାବିତଙ୍କୁ ୫୦କେଜି ଚାଉଳ



ଭୁବନେଶ୍ୱର, ୧/୧୧ (ଆ.ପ୍ର) : ବନ୍ୟା ପାଣି ଛାଡ଼ିଯାଇଛି, ହେଲେ ଦୁର୍ଦ୍ଦଶା ଛାଡ଼ିନି । ବନ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ଘୋଷଣା କରିଥିବାବେଳେ ଗଞ୍ଜାମ ଜିଲ୍ଲାର ଅନେକ ଅଂଚଳରେ ଏବେ ବି ଲୋକଙ୍କ ସମସ୍ୟା ଦୂର ହୋଇନାହିଁ । ବନ୍ୟା ସମୟରେ ଅନେକ ଗାଁ ପାଣିରେ ବୁଡ଼ି ନଦୀର ରୂପ ନେଇଥିଲା । ଏବେ ପାଣି ଛାଡ଼ିଯିବା ପରେ ଘାସ୍ନାଘାଟରେ ଜାଳୁଥିବା ଆଦର୍ଜନା ଜମି ରହିଛି । ଗାଁର ଯୁବକମାନେ ନିଜେ ଆଗକୁ ଆସି ଘାସ୍ନାଘାଟ ସଫା କରୁଛନ୍ତି । ବନ୍ୟାରେ ସ୍କୁଲ ଘର ମଧ୍ୟ ଭାଙ୍ଗିଯାଇଛି । ଘରଦ୍ୱାର ଓ ଅନ୍ୟାନ୍ୟ ସମ୍ପତ୍ତି ନଷ୍ଟ ହୋଇଥିବା ଟ୍ରାକରେ ସମ୍ଭାବ୍ୟ ଗତିପଥରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଅର୍ଥାତ ଜାଖଣ୍ଡେଶ୍ୱର ପରେ ଦିଗ ବଦଳି ଉତ୍ତର ଦିଗକୁ ମୁହାଁଇଛି । ପୁନଶ୍ଚ ଛୁଇଁବା ପରେ ସିଧା ଉତ୍ତର ଦିଗରେ ଚେଲେଙ୍ଗାଜୀ ଓ ମଧ୍ୟପ୍ରଦେଶ ଆଡ଼କୁ ଗତି କରିବ । ବାତ୍ୟା ପ୍ରଭାବରେ ଆଜି ରାତିରୁ ବଢ଼ିବ ପବନ ବେଗ । ଘଂଟାପ୍ରତି ୮୦ରୁ ୯୦ ଓ ଝଟକା ପବନ ୧୦୦ କିମି ଛୁଇଁପାରେ । କାଲି ପବନର ବେଗ ଆହୁରି ବଢ଼ିବ । ବାତ୍ୟା ଆଜୁ ଉପକୂଳକୁ ମୁହାଁଇବେ ବି ଡିଙ୍ଗିଖାରେ ଲଢ଼ିବ ପ୍ରଭାବ । ପୁଣି ଦକ୍ଷିଣ ଓଡ଼ିଶାରେ ହେବ ବର୍ଷା ପବନ । କିନ୍ତୁ ପୂର୍ବତ ଭଳି ପ୍ରଭାବ ସେତେ ଅଧିକ ରହିବ ନାହିଁ । ୩ ଓ ୪ରେ ଛାଖଣ୍ଡ ବର୍ଷା ନେଇ ଜାରି ଯୋଇଛି ସତର୍କ ସୂଚନା । କାଲି ଗଞ୍ଜାମ ଓ ଗଜପତିରେ ପ୍ରବଳ ବର୍ଷା ଯୋଇପାରେ । ୩ ତାରିଖରେ ପୁରା ରାଜ୍ୟରେ ବର୍ଷା ହେବ । କିନ୍ତୁ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରୁ ଅତୋଷ ଏବଂ ନବରଙ୍ଗପୁର, କନ୍ଧମାଳ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ଜଟକ ଜିଲ୍ଲାକୁ ଯେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୪ ତାରିଖରେ ବି ସାରା ଓଡ଼ିଶାକୁ ଝଡ଼ବର୍ଷା ନେଇ ସତର୍କ ସୂଚନା ରହିଛି । ସାରେ ବଙ୍ଗିଣ ଓଡ଼ିଶା ଜିଲ୍ଲାରେ ପବନର ବେଗ ଘଂଟାପ୍ରତି ସର୍ବାଧିକ ୭୦ କିମି ରହିପାରେ । ବାତ୍ୟା ମୁହାଣ୍ଡ ପ୍ରଭାବରେ ଅଶାନ୍ତ ହେଉଛି ସମୁଦ୍ର । ଏଥିପାଇଁ କାଲିଠାରୁ ୪ ତାରିଖ ଯାଏଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଯିବାକୁ ବାରଣ କରାଯାଇଛି ।

ମଙ୍ଗଳବାର ପାହାନ୍ତାରେ ଲ୍ୟାଣ୍ଡଫଲ କରିବ ବାତ୍ୟା ମୁରାସୁ



ଭୁବନେଶ୍ୱର, ୧/୧୧ (ଆ.ପ୍ର) : ବଙ୍ଗୋପସାଗରରେ ଆକାଳ ନେଇଛି ବାତ୍ୟା ମୁରାସୁ । ସମୁଦ୍ର ଭିତରେ ଶକ୍ତି ବୁଟାଉଛି, ଆଗକୁ ଆଗକୁ ବଢୁଛି । ଯେତିକି ଉପକୂଳ ମୁହାଁ ହେଉଛି, ସେତିକି ବଢିଯାନ୍ତ ହେଉଛି । ଗଞ୍ଜାମ ଅତିକାରୁ ବାତ୍ୟା...ଆଉ ବାତ୍ୟାରୁ ଏବେ ଛାଖଣ୍ଡ ବାତ୍ୟା ହେବାକୁ ଯାଉଛି ମୁରାସୁ । ଆଗାମୀ ୨୪ ଘଂଟାରେ ଏହା ଆହୁରି ଘନୀଭୂତ ହୋଇ ପରେ ବଢ଼ିବ ତାତ୍ରତା । ପାଣିପାଗ ବିଜ୍ଞାନ ପୂର୍ବାନୁମାନ କରିଛି, ଆସନ୍ତାକାଲି ସକାଳେ ପଶ୍ଚିମ ମଧ୍ୟ ବଙ୍ଗୋପସାଗରରେ ସିଭିୟର ଷ୍ଟର୍ମକୁ ଲୋକ୍ୟାଲ୍ ଷ୍ଟର୍ମ ବା ଛାଖଣ୍ଡ ବାତ୍ୟାରେ ପରିଣତ ହେବ । ତାପରେ ଉତର ପଶ୍ଚିମ ଦିଗରେ ଗତି କରି ମୁହାଁଇବ ଆନ୍ଧ୍ର ଉପକୂଳ । ମୁରାସୁ କାଲି ମଧ୍ୟରାତ୍ରିରୁ ୩ ତାରିଖ ଭୋର ୪ଟା ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି । ଛାଖଣ୍ଡ ବାତ୍ୟା ଜରିଆରେ ଚେନ୍ନୁର ଓ ନଉସାପୁର ମଝିରେ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳରେ ଲ୍ୟାଣ୍ଡଫଲ୍ କରିପାରେ । ସେତେବେଳେ ପବନର ବେଗ ଘଂଟାପ୍ରତି ୧୦୦ରୁ ୧୧୦ କିଲୋମିଟର ରହିବ । ଝଟକା ପବନର ବେଗ ୧୨୦ କିଲୋମିଟର ଯାଏଁ ଛୁଇଁପାରେ । ଭାଏ ଗାରତୀୟ ପାଣିପାଗ ବିଜ୍ଞାନ ଜାରି କରିଥିବା ଟ୍ରାକ୍ ମୋଟେଏ ଗତକାଲି ଓ ଆଜ ଯୋଟେଏ ଆଢ଼ୋର । ସେଥିରୁ ବାତ୍ୟାର ସମ୍ଭାବ୍ୟ ଗତିପଥରେ ସାମାନ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି । ଗତକାଲିର ଟ୍ରାକ୍ ଅନୁସାରେ ବାତ୍ୟାର ସମ୍ଭାବ୍ୟ ଗତିପଥରେ ସାମାନ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି । ଗତକାଲିର ଟ୍ରାକ୍ ଅନୁସାରେ ବାତ୍ୟା ଆଜୁ ଉପକୂଳ ଛୁଇଁବା ପରେ ସିଧା ସ୍ଥଳଭାଗରେ ତେଲେଙ୍ଗାନା ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ଥିଲା । କିନ୍ତୁ ଆଜି ଜାରି ହୋଇଥିବା ଟ୍ରାକରେ ସମ୍ଭାବ୍ୟ ଗତିପଥରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଏଥିରେ ଅନୁସାରେ ବାତ୍ୟା ଆଜୁ ଉପକୂଳ ଛୁଇଁବା ପରେ ଉତ୍ତର ଦିଗକୁ ମୁହାଁଇବ । ଏହାପରେ ଏହା ଆହୁରି ଦୁର୍ବଳ ହୋଇ ଉତ୍ତର ପଶ୍ଚିମ ଦିଗରେ ଗତି କରିବ । ଏହାପରେ ଏହା ଆହୁରି ଦୁର୍ବଳ ହୋଇ ଉତ୍ତର ଦିଗରେ ଗତି କରିବ । ଏହାପରେ ଏହା ଆହୁରି ଦୁର୍ବଳ ହୋଇ ଉତ୍ତର ଦିଗରେ ଗତି କରିବ ।

ମଣିପୁରରେ ପୁଣି ଫେରିଲା ହିଂସା

ଇମ୍ଫାଲ, ୧/୧୧ (ନ୍ୟୁ.ଏ): ମଣିପୁରରେ ପୁଣି ଥରେ ହିଂସାକାଣ୍ଡ ପଟିଛି । ନୋନି ଜିଲ୍ଲାର ଏକ ଜଙ୍ଗଲିଆ ପାହାଡ଼ିଆ ଗାଁରେ ବୁଢ଼ା ଗୋଷ୍ଠୀ ମଧ୍ୟରେ ହୋଇଥିବା ଗୁଳିକାଣ୍ଡରେ କୁକି ସମ୍ପ୍ରଦାୟର ତିନି ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ଖବର ଆସିଛି । ପୁଲିସ ଅଧିକାରୀଙ୍କ ସୂଚନାନୁସାରେ, ଶନିବାର ସକାଳେ ନୋନି ଜିଲ୍ଲାର ଲେକପୁ ନାଗା ଗାଁରେ ଏହି ଘଟଣାଟି ଆରମ୍ଭ ହୋଇ ଥିଲା ଏବଂ ପାହାଡ଼ିଆ ଅଂଚଳରେ ଦୀର୍ଘ ଘଂଟା ଧରି ଉଭୟ ପକ୍ଷ ମଧ୍ୟରେ ରହି ରହି ଗୁଳି ବିନିମୟ ଜାରି ରହି ଥିଲା । ମୃତକମାନେ ହେଲେ ଥାଙ୍ଗଲେନ୍ଲୁଙ୍ଗ ଔଙ୍ଗନ, ଥାଙ୍ଗଖୋସେକ ଖାଓକିପ୍ ଏବଂ ଲାଲିନମୁଙ୍ଗ ଲିପଚେନ୍ । ସେମାନେ ସମସ୍ତେ ବୁଗାଜାଙ୍ଗପୁର ଜିଲ୍ଲାର ଲେଙ୍ଗଜେପ୍ ଏବଂ ଆଳଲନର ଭିତିରି ଅଂଚଳରେ ରହୁ ଥିଲେ । କୁକି ନାଗରିକ ସଂଗଠନଗୁଡ଼ିକ ଅନୁସାରେ, ଏହି ତିନି ମୃତକ ଗ୍ରାମ ସ୍ୱେଚ୍ଛାସେବୀ ଥିଲେ । ଏହି ଘଟଣା ପରେ କୁକି ସମ୍ପ୍ରଦାୟର ସର୍ବୋଚ୍ଚ ସଂସ୍ଥା 'କୁକି ଜନପି ମଣିପୁର' (ଭଓଜ) ଏହି ତିନି ମୃତକଙ୍କ ହତ୍ୟାକୁ କଡ଼ା ନିନ୍ଦା କରିଛି । ସଂଗଠନ ଏକ ଆନୁଷ୍ଠାନିକ ବିବୃତି ଜାରି କରି ଅଭିଯୋଗ କରିଛି ଯେ, ଏହି ହତ୍ୟାକାଣ୍ଡ ପଛରେ ନାଗା ଉଗ୍ରପନ୍ଥୀ ଗୋଷ୍ଠୀ ସାମିଲ ଅଛନ୍ତି । ଉଭୟ ସରକାରଙ୍କ ନିକଟରେ ଏହି ମାମଲାରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ, ଉତରଦାୟିତ୍ୱ ନିର୍ଦ୍ଧାରଣ ଏବଂ ନ୍ୟାୟ ଦାବି କରିଛି । ସୂତ୍ରଥା ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଂଚଳରେ ଅତିରିକ୍ତ ବାହିନୀ ମୁତୟନ କରାଯାଇଥିବା ପୁଲିସ ଅଧିକାରୀ ପ୍ରକାଶ କରିଛନ୍ତି ।

୨,୦୬୭ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ



ଭୁବନେଶ୍ୱର, ୧/୧୧ (ଆ.ପ୍ର) : ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟଗୁଡ଼ିକରେ ୨୦୬୭ ଜଣ ସେବକ-ସେବିକା ଓ ଜନଜାତି ଭାଷା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ରବିବାର ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟଗୁଡ଼ିକରେ ୨୦୬୭ ଜଣ ସେବକ-ସେବିକା ଏବଂ ୧୫୪ ଜଣ ଜନଜାତି ଭାଷା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଖୁଣ୍ଟି ଏବଂ ସୁନ୍ଦର୍‌ଗଡ଼ ଜିଲ୍ଲାର ଦୁଇଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସଂଖ୍ୟା ୬୯କୁ ବୃଦ୍ଧି କରାଯାଇଥିବାବେଳେ ବର୍ଷକୁ ୫୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ 'ବିଦେଶ ଶିକ୍ଷାଦୀକ୍ଷି ଯୋଜନା' ମଧ୍ୟ ଆରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀ ନବଜିଏନ୍ଥୁ ଶିକ୍ଷକମାନଙ୍କୁ ଜଣେ ଶିକ୍ଷକ ଭାବେ ପରାମର୍ଶ ଦେଇ କହିଛନ୍ତି ଯେ, ବିଦ୍ୟାଳୟରେ ପିଲାମାନଙ୍କ ମନରେ ସୁରକ୍ଷା ଓ ଆତ୍ମବିଶ୍ୱାସର ଭାବ ଜାଗ୍ରତ କରନ୍ତୁ ଏବଂ ଜଟିନ ମହୋଲ ଜଣେ ଆଦର୍ଶ ବନ୍ଧୁ ହୁଅନ୍ତୁ । ସେମାନଙ୍କର ମାର୍ଗଦର୍ଶନ କରନ୍ତୁ । କାର୍ଯ୍ୟକ୍ଷେତ୍ରର ବିଭିନ୍ନ ଆହ୍ୱାନକୁ ଧୈର୍ଯ୍ୟ, ନିଷ୍ଠା ଓ ସଜାଗାତ୍ମକ ମନୋଭାବ ସହ ସମାଧାନ କରନ୍ତୁ । 'କର୍ମ ହିଁ ଭଗବାନ' ନୀତିକୁ ଆପଣାର ନିୟମିତତା ବଜାୟ ରଖନ୍ତୁ । ମଧ୍ୟାହ୍ନ ଭୋଜନ ଭଳି ଯୋଜନାରେ ଜୈବିକୀପ୍ରକାର ଅନିୟମିତତାକୁ ତରବାଘ କରାଯିବ ନାହିଁ ବୋଲି ଦୃଢ଼ତା ପ୍ରତି ସଚେତନ ରୁହନ୍ତୁ । ଶିକ୍ଷକତା ମଧ୍ୟଦାକୁ ଖୁବ୍ଟି କରୁଥିବା ମଦ୍ୟପାନ ଜିନା ଶିକ୍ଷାଥୀଙ୍କ ପ୍ରତି ଅମାନବିକ ଦଣ୍ଡବିଧାନ ଭଳି ବିଶୃଙ୍ଖଳିତ ଆଚରଣରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ । ଆଦର୍ଶ ଆଚରଣ ଶିକ୍ଷକ ମାନଙ୍କ ପାଇଁ ଅଧିକ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥାସହ, ବଙ୍ଗିଣ ଓଡ଼ିଶାର ବନ୍ୟା ପ୍ରଭାବିତ ଅଂଚଳରେ ନିଯୁକ୍ତି ପାଇଥିବା ସେବକ/ସେବିକା ମାନଙ୍କୁ ବନ୍ୟା ଘେରରେ ଥିବା ଲୋକଙ୍କୁ ସହାୟତାର ହାତ ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି ।

ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍ ନିର୍ମାଣ ଅଗ୍ରଗତି ସମୀକ୍ଷା କଲେ ରେଳମନ୍ତ୍ରୀ



ନୂଆଦିଲ୍ଲୀ, ୧/୧୧ (ପିଆଇବି): ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବେଙ୍ଗାଲୁରୁସ୍ଥିତ 'ଆଦିତ୍ୟ' ଉତ୍ପାଦନ କାରଖାନାରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହେଉଥିବା ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍-ବି୨୮ର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଏହି ଅବସରରେ ଶ୍ରୀ ବୈଷ୍ଣବ ଟ୍ରେନ୍ ଜରି ନିର୍ମାଣ ପାଇଁ ବ୍ୟବହୃତ ଅତ୍ୟାଧୁନିକ ଉତ୍ପାଦନ ଜିଚିକ୍ନିମି ଏବଂ ସୁଷ୍ଠୁ ଯନ୍ତ୍ରପାତି ଓ ଟ୍ରେନ୍ ବଗିର ମୁଖ୍ୟ ଢାଂଚା ନିର୍ମାଣ ପାଇଁ ବ୍ୟବହୃତ ସ୍ୱତନ୍ତ୍ର ଧାରକ ଜରାକରଣର ଅନୁଧ୍ୟାନ କରିଥିଲେ । ଏହା ସହିତ ସେ ବଗିର ତଳ ଅଂଶ, ପାର୍ଶ୍ୱ କାନ୍ଥ ଓ ଛାତ ନିର୍ମାଣ, ବିଭିନ୍ନ ଅଂଶର ସଂଯୋଗ, ପୃଷ୍ଠଭାଗର ପ୍ରସ୍ତୁତି ଏବଂ ଏହାର ସୁରକ୍ଷାମୂଳକ ଉପଚାର ଆଦି ନିର୍ମାଣ ପ୍ରକ୍ରିୟା ଅନୁଧ୍ୟାନ କରିଥିଲେ । ଉଚ୍ଚ ଗତିସମ୍ପନ୍ନ ଟ୍ରେନ୍ ଚଳାଚଳ ପାଇଁ ଆବଶ୍ୟକ ପଠିକ୍ ମାପ, ଦୃଢ଼ତା ଓ ସୁଶ୍ରବତା ସୁନିଶ୍ଚିତ କରିବାରେ ଏହି ଅତ୍ୟାଧୁନିକ ନିର୍ମାଣ ପ୍ରକ୍ରିୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ସହିତ ସେ 'ଷ୍ଟାଇନ୍ ଟେଷ୍ଟ' ପ୍ରଦର୍ଶନ ଦେଖିଥିଲେ । ଏହି ପରୀକ୍ଷଣରେ ଟ୍ରେନ୍ ବଗି ଉପରେ ନିୟନ୍ତ୍ରିତ ଚାପ ସୃଷ୍ଟି କରାଯାଇଥାଏ । ଏହାଦ୍ୱାରା ବଗିର ଶକ୍ତି ଓ ସ୍ଥାୟିତ୍ୱ ଯାଞ୍ଚ କରାଯାଇଥାଏ । ଏହି ପ୍ରକ୍ରିୟା ଅନୁଧ୍ୟାନ କରିଥିଲେ । ଭାରତୀୟ ରେଳବାଇ ପାଇଁ ଉଚ୍ଚ ଗତିସମ୍ପନ୍ନ ଟ୍ରେନ୍ ଚଳାଚଳ ଉପଯୋଗୀ ଏକ ସୁରକ୍ଷିତ ଓ ସ୍ଥିର ଭିତ୍ତିଭୂମି ସୃଷ୍ଟି କରିବା ଲକ୍ଷ୍ୟରେ ଏହି ପ୍ରକଳ୍ପ ଗ୍ରହଣ କରାଯାଇଛି । ଏହି ପ୍ରକଳ୍ପରେ ଏକ ଉଚ୍ଚ ଗତିସମ୍ପନ୍ନ ରେଳପଥ ନିର୍ମାଣ କରାଯିବା ସହ ଏହାର ଉଠନାମ୍ବ ଦୃଢ଼ତା, ସ୍ଥିରତା ଏବଂ ମାପର ସଠିକତା ଯାଂଚ କରାଯାଏ । ରେଳମନ୍ତ୍ରୀ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଆସନଗୁଡ଼ିକୁ ମଧ୍ୟ ଯାଂଚ କରିବା ସହ ଦୁଇଗଡ଼ିରେ ଯାତ୍ରା ସମୟରେ ମିଳିବାକୁ ଥିବା ଆରାମ ଓ ସୁବିଧା ପରଖିଥିଲେ । ଏଥିସହ ଟ୍ରେନ୍ ଶୀତତାପ ନିୟନ୍ତ୍ରଣ ଓ ବାୟୁ ଚଳାଚଳ ବ୍ୟବସ୍ଥା (ଏଚ୍‌ଭିଏସି), ଜପଇଣ୍ଟ ଏବଂ ଅନ୍ୟାନ୍ୟ କେଜ ଉପକରଣ ଓ ଆସେସ୍‌ଯୋଗ୍ୟ କାର୍ଯ୍ୟ ମଧ୍ୟ ଅନୁଧ୍ୟାନ କରିଥିଲେ । ଏଥାବ୍ୟତୀତ ବଗିର ପାର୍ଶ୍ୱ (ସାଇଡ୍ ମତ୍ୟୁଲ) ଓ ରୁଫ୍ ମତ୍ୟୁଲର ନିର୍ମାଣକାର୍ଯ୍ୟ ସହ ସେଗୁଡ଼ିକର ସଂଯୋଗ ଓ ଆସେସ୍‌ଯୋଗ୍ୟ ପ୍ରକ୍ରିୟା ମଧ୍ୟ ରେଳମନ୍ତ୍ରୀ ଦେଖିଥିଲେ ।

ନଭେମ୍ବର ୪ ଯାଏ ସମୁଦ୍ର ମନା

ଭୁବନେଶ୍ୱର, ୧/୧୧ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା 'ମୁରାସୁ'ର ପ୍ରଭାବରେ ଓଡ଼ିଶାରେ ଜାଖଣ୍ଡ ବର୍ଷା ଓ ବାତ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ନଭେମ୍ବର ୨ ରୁ ୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଓ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ ସୂଚନା ଦିଆଯାଇଛି । ଏହା ସହିତ ସମୁଦ୍ର ମଧ୍ୟରେ ଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ କୂଳକୁ ଫେରି ଆସିବାକୁ ନିର୍ଦ୍ଦେଶ ଜାରି ହୋଇଛି । ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀମାନଙ୍କୁ ସତେତନ କରିବା ପାଇଁ ମାଇକ୍ ଯୋଗେ ପ୍ରଚାର କରାଯାଉଛି । ଏହା ସହିତ ସମସ୍ତ ମତ୍ସ୍ୟ ତଟ୍ଟା ଓ ଟୁଲରଗୁଡ଼ିକୁ ସୁରକ୍ଷିତ ଭାବେ ନିଙ୍ଗଡ଼ସ୍ଥ ମତ୍ସ୍ୟ ଅବତରଣ କେନ୍ଦ୍ର କିମ୍ବା ମତ୍ସ୍ୟ ବନ୍ଦରରେ ରଖି ରକ୍ଷାବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀ ଓ ସାମୁଦ୍ରିକ ମତ୍ସ୍ୟ ଅଧିକାରୀମାନେ ସ୍ଥାନୀୟ ବୋଟ୍ ମାଲିକ ସଂଘ, ଟୁଲର ମାଲିକ ସଂଘ, ସାମୁଦ୍ରିକ ସମତାୟ ସମିତିଗୁଡ଼ିକୁ ସମ୍ଭାବ୍ୟ ବର୍ଷା ସମ୍ପର୍କରେ ସୂଚନା ଦେଇ ସଚେତନ କରିଛନ୍ତି । ସମସ୍ତ ଜିଲ୍ଲା କାର୍ଯ୍ୟାଳୟରେ ମଧ୍ୟ ୨



କାହା ମନରେ ସନ୍ତାପ ନ ଦେବା ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସାପ୍ତାହିକ
ଆରମ୍ଭ
SEITHO ARAMBHA

ସୋମବାର, ୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ଦେଶରେ ଅରାଜକତା ସୃଷ୍ଟି ଓ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ବଦନାମ କରିବା ପାଇଁ କଂଗ୍ରେସ ଷଡ଼ଯନ୍ତ୍ର କରୁଛି : ଅନୀଲ ବିଶ୍ୱାଳ



ଭୁବନେଶ୍ୱର, ୦୧/୧୧ (ଆ.ପ୍ର) : କଂଗ୍ରେସ ଦଳ ଓ ଇଣ୍ଡି ଗଠବନ୍ଧନ ଦେଶରେ ଅରାଜକତା ଜରିବାକୁ ଚାହୁଁଛନ୍ତି ବୋଲି ଆଜି ଜିଲ୍ଲାରେ ହୋଇଥିବା ଆନ୍ଦୋଳନରୁ ସ୍ପଷ୍ଟ ହୋଇଛି । ଗଣତନ୍ତରେ ଆନ୍ଦୋଳନ କରିବା ପାଇଁ ମନା ନାହିଁ । କିନ୍ତୁ ଯେଉଁ ପ୍ରସଙ୍ଗକୁ ସୋନାରେ ଆଣୁଛନ୍ତି ଏବଂ ଯେଉଁ ଢଙ୍ଗରେ ଆନ୍ଦୋଳନ କରୁଛନ୍ତି ତାହା ଦେଶର ଶାନ୍ତି ଓ ଶାସନାତ୍ମିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିଛି । ନେତେରୁ ଖାନ୍ ଏବଂ ଭଡ୍ରା ପରିବାର ଗାନ୍ଧୀଙ୍କ ଦର୍ଶଣର ନୁହନ୍ତି । ମହାତ୍ମା ଗାନ୍ଧୀଙ୍କ ସହ ଆଜିର ଯେଉଁ କଂଗ୍ରେସ ଦଳ ତାର ମାଲିକାନା ବୋଲି ଦର୍ଶାଉଛି ବାସ୍ତବରେ ସେମାନଙ୍କ ସହ ଗାନ୍ଧୀ ପରିବାରର କୌଣସି ସମ୍ପର୍କ ନାହିଁ । ସେମାନେ ଗାନ୍ଧିଜୀଙ୍କ ସାଙ୍ଗିଆକୁ ତୋଲେରା ନେଇ ତା'ର ଅପବ୍ୟବହାର କରୁଛନ୍ତି । ନେହେରୁ, ଇନ୍ଦ୍ରା ଏବଂ ଖାନ୍ ପ୍ୟାମିଲି ଏବଂ ଇଣ୍ଡି ଗଠବନ୍ଧନର ସାମଲଦାତା ପାର୍ଟି, ଆମ୍ ଆଦମୀ ପାର୍ଟି ଓ ଅନ୍ୟମାନେ, ଗିତ ଦିନରେ ଚାହୁଁଥିଲେ ଯେ, ଜେନ୍‌ଜି ଆସି ଜାରତାୟାରେ ହିଂସା କରୁ, ଜେନ୍‌ଜି ଲାଇଁକି ହିଂସା କରୁଚି ବୋଲି ସେମାନେ ବାର ମ୍ୟର ଉଦ୍ୟମ କରୁଥିଲେ । ମାତ୍ର ଯେତେବେଳେ ଦେଶର ଜେନ୍‌ଜି ବୁଝି ଗଲା ଯେ ଏହି ଇଣ୍ଡି ଗଠବନ୍ଧନରେ ଯେଉଁ ପଲିଟିକାଲ୍ ପାର୍ଟିମାନେ ଅଛନ୍ତି, ସେମାନେ ହିପୋକ୍ରେସିରେ ଭରା ହେଇଛନ୍ତି ।

ଦେଶର ଗଣତନ୍ତ, ଦେଶର ସାଧାରଣ ଜନଜୀବନ ସହ ସ୍ୱାର୍ଥରେ ସେମାନେ ନାହାନ୍ତି । ଏହାପରେ ସମ୍ପୃକ୍ତ ଦଳମାନେ ଏହି ରାଜନୈତିକ ମୋର୍ଚ୍ଚା ଖୋଲିଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରେସ୍ ବାର୍ତ୍ତାରେ ରାଜ୍ୟ ମୁଖପାତ୍ର ଶ୍ରୀ ଅନୀଲ ବିଶ୍ୱାଳ କହିଛନ୍ତି । ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ଅନ୍ତର୍ଜାତୀୟ ଗଣମାଧ୍ୟମ 'ଫକ୍ସ ନ୍ୟୁଜ୍ 'ର ତଦନ୍ତମୂଳକ ଗିପୋର୍ଟ ଅନୁଯାୟୀ, ସାଧାରି, ସୋନ୍ ଓ ଅଲବାଡିଆରେ ହୋଇଥିବା ବିଦେଶ ଗସ୍ତ କରି ରାତତରେ ମଧ୍ୟ ପ୍ୟାରିସ ଇନ୍ଦି ଘଟଣା ଘଟାଇ ଅସ୍ଥିରତା ସୃଷ୍ଟି କରିବାକୁ ଚାହୁଁଛନ୍ତି । ଏଥିପାଇଁ କଂଗ୍ରେସ ଅନେକ ଥର ପ୍ରୟାସ କରିଛି । ଏହାପୂର୍ବରୁ ଜିଲ୍ଲାର କନତ୍ର ପ୍ରେସ୍‌ରେ ସେମାନେ ଆନ୍ଦୋଳନ କରି ଯନ୍ତରମନ୍ତର ଯିବା ପାଇଁ ଚାହୁଁଥିଲେ, ସେତେବେଳେ ମଧ୍ୟ ପୋଲିସ୍ ସହ ଧସ୍ତାଧସ୍ତି ହୋଇଥିଲା ଏବଂ ଏଇଠି ହିଂସା ଓ ଅଶାନ୍ତିର ଚିତ୍ର ସାମ୍ନାକୁ ଆସିଥିଲା । ଆଜି ମଧ୍ୟ କଂଗ୍ରେସ ଦଳ ସେଇନି ସମାନ ପ୍ରୟାସ କରିବା ପାଇଁ ଉଦ୍ୟମ କରୁଛି । ନିର୍ବାଚନରେ ପରାଜୟ ସ୍ୱୀକାର କରିବା ଦଦରରେ କଂଗ୍ରେସ ନିରନ୍ତର ସା ସିଧାନିକ ସଂସ୍ଥାଗୁଡ଼ିକୁ ଜାତୋଡ଼ାରେ ଠିଆ କରୁଛି । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏକତାଟିଆ ନିଷ୍ପତି ନେଉଛନ୍ତି ବୋଲି କଂଗ୍ରେସ ପକ୍ଷରୁ ସୁପ୍ରିମକୋର୍ଟରୁ ପିଟିଶନ ଫାଇଲ କରାଯାଇଥିଲା । ଏହି ସମୟରେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତଙ୍କ ମିଳିତ ସଦ୍ୟପାଠ ମାଧ୍ୟମରେ ସୁପ୍ରିମକୋର୍ଟକୁ ଜଣାଇଥିଲେ ଯେ, ନିଷ୍ପତି ସମ୍ପର୍ଣ୍ଣ ସମ୍ବନ୍ଧତିରେ ନିଆଯାଇଛି । ଏହାପରେ ଆଉ କୌଣସି ସନ୍ଦେହର ଅବକାଶ ନଥିଲା । ଏନେଇ କଂଗ୍ରେସର ଯୋକନା ଫେଲ ହୋଇଥିବା ପରେ ଏହାର ଜବାବ ଦେବା ପାଇଁ କଂଗ୍ରେସ ସୁପ୍ରିମକୋର୍ଟରେ ୧୦ ଦିନ ସମୟ ମାଗିଥିଲା । ଏହି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ କଂଗ୍ରେସ ପକ୍ଷରୁ ମଗାଯାଇଥିବା ସମୟର ମାତ୍ର ୪ ଦିନ ତିତିଛି । ଏଇନିସ୍ତିତିରେ କ'ଣ ପାଇଁ କଂଗ୍ରେସ ପକ୍ଷରୁ କୋଇଟି ଜବାବ ଦିଆ ନ ଯାଇ ରାତାରାତ୍ରି ବିଧେୟକ ଓ ଗଡେରଣା କରାଯାଇଛି ? ଏହାପଛର ଉଦ୍ଦେଶ୍ୟ କ'ଣ ସେନେଇ ପ୍ରଶ୍ନବାଚା ସୃଷ୍ଟି ହୋଇଛି ।

ଟାଟା ହଟାଓ ଓଡିଶା ବଂଚାଓ, ବିଦ୍ୟୁତ ଠିକା କର୍ମଚାରୀ ମିଳିତ ମଂଚ ପକ୍ଷରୁ ଏକ ସଚେତନତା ରାଲି

ନିମାପଡା, ୦୧/୧୧ (ଆ.ପ୍ର) : ଆଜି ବିଦ୍ୟୁତ ଠିକା କର୍ମଚାରୀ ମିଳିତ ମଂଚ ପକ୍ଷରୁ ଏକ ସଚେତନତା ରାଲି ହୋଇଯାଇଛି । ଠିକା କର୍ମଚାରୀ ମିଳିତ ମଂଚ ତରଫରେ ଆଜି ନିମାପଡ଼ା ବିଜିଜନ ରୁ ବାହାରି ଚାରିଛକ ଏବଂ କିଛି ଗ୍ରାମ ପରିକ୍ରମା କରିଥିଲେ । ଏଥିରେ ଟାଟା ହଟାଓ ଓଡ଼ିଶା ବଂଚାଓ ନାରା ଦିଆଯାଇଥିଲା । ବର୍ତ୍ତମାନ ୫ ବର୍ଷ ପୂର୍ବରୁ ନିମାପଡା ବିଜିଜନ ଅଂଚଳ ରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀ ମଂଚ ପକ୍ଷରୁ ବିଜିଜନ କାର୍ଯ୍ୟାଳୟ ଆଗରେ ଟାଟା ପାୱାର ପକ୍ଷରୁ ବେଆଇନ କର୍ମଚାରୀ ନିଟୋଇ ବିରୁଦ୍ଧରେ ଧାରଣାରେ ବସିଛନ୍ତି । ଏଥିପାଇଁ ଏକ ମାସ ହେଲା ବିଦ୍ୟୁତ ସେବା ବିପର୍ଯ୍ୟୟ ହୋଇ ପଡିଛି ।ଆଜି ମଂଚ ପକ୍ଷରୁ ଟାଟା ପାୱାର କମ୍ପାନୀ ଉପରୋକ୍ତାକୁ କିପରି ଜୁରୁରୁଛନ୍ତି ତାହାର ସଚେତନ କରାଇବା ସହ ଆଗାମୀ ନରେମ୍ବର ୪ ତାରିଖ ରେ ଭୁବନେଶ୍ୱର ରେ ଅନୁଷ୍ଠିତ ମହା ସମାବେଶ ରେ ସାମିଲ ହେବାକୁ ଉପରୋକ୍ତା ମାନଙ୍କୁ ନିବେଦନ କରିଥିଲେ । ଆଗାମୀ ଦିନରେ ଠିକା କର୍ମଚାରୀ ସଂଘ ନିମାପଡା ବିଜିଜନ ଅଧୀନରେ ଥିବା ସମସ୍ତ ଠିକା କାର୍ଯ୍ୟାଳୟ ଜିଜି ଇଲେକ୍ଟ୍ରିକାଲ ଏମଏମଜି, ଏବଏସପ୍ରାଇ ଏଏମସି, ଗୋପାଳ ଏଣ୍ଟରପ୍ରାଇ ଏମସିସି, ପ୍ରୋଜେକ୍ଟ ଇଂପେରିଆଲ, ସହ ବାହାରୁ ଆଣି କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ବନ୍ଦ କରିବୁ ଦେଚାକା ଦେଇଛନ୍ତି । ଏଥିରେ ପ୍ରଶାନ୍ତ କୁମାର ଓଝା, ଗିରିଶ ଚନ୍ଦ୍ର ପ୍ରଧାନ, ସତ୍ୟରଞ୍ଜନ ସେନାପତି, ବିଶ୍ୱ ଚରଣ ସ୍ୱାଇଁ, ଜଟିଲ ଚନ୍ଦ୍ର ମାଝୀ ନେତୃତ୍ୱରେ ଶତି ଶୃଙ୍ଖଳାରେ ଆୟୋଜନ କରାଯାଇଥିଲା ।

୮୪ କେଜି ଗଞ୍ଜେଇ ଜବତ, ଦୁଇ ଅଭିଯୁକ୍ତ ଗିରଫ




ଦଶପଲ୍ଲା, ୦୧/୧ (ଆ.ପ୍ର): ନୟାଗଡ଼ ଜିଲ୍ଲା ଦାଣିଗୋଛା ଥାନା ପୁଲିସ ପକ୍ଷରୁ ଗଣ୍ଡଖଲ ଗେଣ୍ଡାଚାଲାଣ ବିରୋଧରେ ଚଢ଼ଉ କରାଯାଇ ୮୪ କେଜି ଗଞ୍ଜେର ଜବତ କରାଯିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।ପୁଲିସ ସୂତ୍ରରୁ ପ୍ରକାଶ ଯେ, ରବିବାର ରୋଜ ପ୍ରାୟ ୫ଟା ୪୦ ମିନିଟ୍ ସମୟରେ ଦାଣିଗୋଛା ଥାନା ଅନ୍ତର୍ଗତ କାମିଟିପଙ୍ଗା ଜନ୍ମୁମାନ ମନ୍ଦିର ନିକଟରେ ଏକ ଧଳା ରଙ୍ଗର ହୁଣ୍ଡାଇ ଆଗା କାରରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏଏସାଇ ବିରେନ୍ଦ୍ର କୁମାର ଦେହୁରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ତତ୍ପର କରିଥିଲା । ସ୍ପଟ ସମୟରେ କାରଯୁକ୍ତ ୮୪ କେଜି ଗଞ୍ଜେଲ ଜବତ କରାଯାଇଥିଲା ।ଏହି ଘଟଣାରେ କନ୍ଧମାଳ ଜିଲ୍ଲା ଦୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ଦୁମୁଡ଼ିବନ୍ଧ ଗ୍ରାମର ଜଗଜିତ୍ ସିଂହ ଓରଫ ପପୁ (୩୨) ଏବଂ ବାଲିଗୁଡ଼ା ଥାନା ଅନ୍ତର୍ଗତ ତରଖମା ଗ୍ରାମର ତାପସ ନାୟକ (୩୪)କୁ ପୁଲିସ ଗିରଫ କରିଛି । ସେମାନଙ୍କ ନିକଟରୁ ଗଞ୍ଜେଲ ସହ ଗୋଟିଏ ହୁଣ୍ଡାଇ ଆଗା କାର୍ ଓ ଦୁଇଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ଦାଣିଗୋଛା ଥାନାରେ କେସ୍ ନଂ ୧୪୪/୨୦୨୬, ଏନ୍‌ଡିପିଏସ୍ ଆକ୍ଟର ଧାରା ୨୦(ବି)(ସ୍ୱ)(ସି) ଅନୁଯାୟୀ ମାମଲା ରୁଜୁ ହୋଇଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ ଅଦ୍ୟକାର ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ ଶିବ ପ୍ରସାଦ ରତ୍ତ ସୂଚନା ଦେଇଛନ୍ତି ।

ବୈତରଣୀ ମହୋତ୍ସବରେ ବିଡ଼ିଓଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ, ୦୧/୧୧ (ଆ.ପ୍ର) : ଉତ୍ତାରିପୋଖରୀ ଜୁକ ମାଳବା ଜଗନ୍ନାଥ ଚରାର ଉତ୍ତିଳ ସଂଘ ତାରେ ଗଳଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ବପୁର୍ଥ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବର୍ଷାଭିଜା ସନ୍ଧ୍ୟାରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ରାଜେ ବିଡ଼ିଓ ଦେବବତ ଘୋଷ ଯୋଗ ଦେଇଥିଲେ । ମହୋତ୍ସବ କମିଟି ସଂଯୋଜକ ଉତ୍କଳ କେଶରୀ ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଦାସ ଉପସ୍ଥିତ ରହି ବୈତିକ ଉସବ ଅଂଚଳ ବାସୀଙ୍କ ମଧ୍ୟରେ ସଂପର୍କକୁ ସୁଦୃଢ଼ କରିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ରାଜ୍ୟ ମହୋତ୍ସବ କମିଟି ସଭ୍ୟ ଓଡିନାରାୟଣ ଜ୍ଞୁରାର ଉତ୍ତେଜ୍ଞନାମ୍ବ ପ୍ରଶାସନିକ ସେବା ପାଇଁ ତିତିଓ ଶ୍ରୀ ଦାସଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ । ଏଥିଇଡା କୁଟି ପ୍ରତିଭା ମାନଙ୍କୁ ସମ୍ମାନିତ କରାଯାଇଥିଲା ।ଏଥିରେ,ଜାର କମିଟି ସଭାପତି ବହୁଲେଖକ ମହାନ୍ତି, ସମ୍ପାଦକ ରାଜେନ୍ଦ୍ର ଶତପଥୀ, ମହୋତ୍ସବ କମିଟି ସହ ସଂଯୋଜକ ତଥା ପ୍ରମୁଖ ସାମାଜିକ ଦୁର୍ଯ୍ୟୋଧନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ଉତ୍ତିଳ ସଂଘ ସଦସ୍ୟା ଶ୍ୟାମସୁନ୍ଦର ଦାସ, ଜମଳାକାନ୍ତ ସାମଲ, ନିରଞ୍ଜନ ହେରିଆ, କାଶି ନାଥ ପତିଡା, ଦୁର୍ଯ୍ୟୋଧନ ଦାସ, ତପନ ପତିଡା, ଜଗବନ୍ଧୁ ସେଠୀ, ଅଜୟ ଜାତିକ, ଜଗନ ବେହେରା, ଅଦ୍ୱୈତ ପତିଡା, ରମାକାନ୍ତ ବେହେରା, ନିଶିକାନ୍ତ ପୁଟାର, ପରେଶ ବେହେରା, ଲାଡୁ ବାଗିକ, ଶିଶିର ପତିଡା ପ୍ରମୁଖ ପରିଚାଳନା କରିଥିଲେ ।

ଜେଲ ଡିଜିଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ପୂର୍ବତନ ଜେଲର



ଟାଙ୍ଗୀ ଚୌଦ୍ୱାର, ୦୧/୧୧ (ଆ.ପ୍ର) : କଂଗ୍ରେସ ଫେରାର ଘଟଣା ହେଉଛି ଜେଲ ଭିତରେ କଂଗ୍ରେସ ଆତ୍ମହତ୍ୟା ଘଟଣା ପ୍ରତ୍ୟେକ ସମୟରେ ବର୍ତ୍ତାରେ ରହୁଥିବା ଚୌଦ୍ୱାର ସେଂଟ୍ରାଲ ଜେଲ ପୁଣି ଥରେ ଖବର ଶିରୋନାମାରେ, ଚୌଦ୍ୱାର ଜେଲର ପୂର୍ବତନ ଜେଲର ସରୋଷିନୀ ଦାସ, ତାଙ୍କୁ କାର୍ଯ୍ୟରେ ଥିବା ସମୟରେ ଜଣେ ବନ୍ଦୀ ଯୌନ ନିର୍ଯାତନା ଦେବା ସହ ଜ୍ୟାଲିଆର ଶେଷ କରିଦେବାକୁ ଜେଲ ବିରୁଦ୍ଧରେ ଅଭିଯୋଗ କରିବା ପରେ ଜମିସନରେଟ ପୋଲିସ ପକ୍ଷରୁ ତଦନ୍ତ ପାଇଁ ସ୍ପେଚିଆଲ ଟିମ୍ ଗଠନ କରାଯାଇଛି । ଏହି ଟିମ୍ ଗତକାଲି ଚୌଦ୍ୱାର ଜେଲ ପରିସରରେ ତଦନ୍ତ କରିଥିଲା । ଏହି ଟିମ୍ ଜେଲ ଭିତରେ ଥିବା ଅନ୍ୟ ବନ୍ଦୀ ଓ ଜେଲ କର୍ମଚାରୀଙ୍କ ସହ ଆଲୋଚନା କରିଛି । ଏହି ଟିମ୍ ଜେଲ ଭିତରେ ଥିବା ସିସି ଟିଭି ଫୁଟେଜ ମଧ୍ୟ ଯାଞ୍ଚ କରିଛି । ଏହି ଟିମ୍ ଆଜି ଚୌଦ୍ୱାର ଜିଲ୍ଲା ଜଜ୍ ଙ୍କ ସହ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଛି । ଏହି ଟିମ୍ ଆସନ୍ତାକାଲି ଜେଲ ଭିତରେ ଥିବା ଅନ୍ୟ ବନ୍ଦୀ ଓ ଜେଲ କର୍ମଚାରୀଙ୍କ ସହ ଆଲୋଚନା କରିବ ବୋଲି ଜଣାପଡିଛି ।

ଆସନ୍ତା କାଲି ୨ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ. ସୁଧାଂଶୁ ତ୍ରିବେଦୀ



ଭୁବନେଶ୍ୱର, ୦୧/୧୧ (ଆ.ପ୍ର) : ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ. ସୁଧାଂଶୁ ତ୍ରିବେଦୀ ଆସନ୍ତା ନଭେମ୍ବର ୨ ତାରିଖ ଦିନ ଏକ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଁଚିବେ । ଡ. ତ୍ରିବେଦୀଙ୍କର ଗଭୀର ଇତିହାସ ଜ୍ଞାନ, ଭାରତୀୟ ସଂସ୍କୃତି ଏବଂ ସାମ୍ପ୍ରତିକ ରାଜନୈତିକ ପ୍ରସଙ୍ଗ ଉପରେ ସ୍ପଷ୍ଟ ଓ ଯୁକ୍ତିପୂର୍ଣ୍ଣ ବକ୍ତବ୍ୟ ସମଗ୍ର ଦେଶରେ ଅତ୍ୟନ୍ତ ଆଦୃତ । ଜାତୀୟ ତଥା ଆନ୍ତର୍ଜାତୀୟ ଗଣମାଧ୍ୟମରେ ତାଙ୍କର ପକ୍ଷ ରଖିବାରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସଚ୍ଚିକନାରେ ରାଜ୍ୟ ମୁଖପାତ୍ର ସୁବାସ୍ତ ରାୟ କହିଛନ୍ତି । ଶ୍ରୀ ରାୟ କହିଛନ୍ତି ଯେ, ଏହି ଗସ୍ତ ଅବସରରେ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ରାଜ୍ୟ ମୁଖପାତ୍ର ଦେବାଦେବୀର କାର୍ଯ୍ୟସୂଚୀ ରହିଛି । ମଧ୍ୟାହ୍ନ ୧୨.୦୫ ଘଡିରେ ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସଚ୍ଚିକନାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧନ କରି ଉପସ୍ଥିତ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିବେ । ଏହାପରେ ଡ. ତ୍ରିବେଦୀ କଟକ ଗସ୍ତ କରି ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବାକୁ ଥିବା କଲେଜ ଛକଠାରୁ ଦୋଳମୁଣ୍ଡାର ଛକ ପର୍ଯ୍ୟନ୍ତ 'ଗଣତନ୍ତ ବଂଚାଅ - ଅରାଜକତା ହଟାଅ ଅଭିଯାନ' ପଦଯାତ୍ରାରେ ସାମିଲ ହେବେ । କଲେଜ ଛକଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏହି ପଦଯାତ୍ରା ଆରମ୍ଭ ହେବ । ଏଥିରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ସମେତ କଟକର ସମସ୍ତ ବିଧାୟକ ଓ ସାଂସଦ ସାମିଲ ହେବେ । ସେମାନଙ୍କ ସହ ଦଳର ସ୍ଥାନୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଏହି ପଦଯାତ୍ରାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟା ୫.୩୦ ଘଟିକାରେ ଭୁବନେଶ୍ୱରର ହୋଟେଲ ସ୍ୱତି ପ୍ରିମିୟମ୍‌ଠାରେ ରାଷ୍ଟ୍ରଚିନ୍ତନ ଓ ଦେଶର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଉପରେ ଅନୁଷ୍ଠିତ ହେବାକୁ ଥିବା ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଜୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସଚ୍ଚିକନାରେ ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ଦରିଦ୍ର ନେତା ସୁବର୍ଣ୍ଣ ନାୟକ ଓ ଗଣମାଧ୍ୟମ ରାଜ୍ୟ ସଂଯୋଜକ ସୁଲିନ୍ ବୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ବେଆଇନ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା ପାଇଁ 'ଭୋଟ୍ ଚୋରି'ର ମିଥ୍ୟା ନାଟକ କରୁଛି କଂଗ୍ରେସ- ଧର୍ମେନ୍ଦ୍ର ପ୍ରଧାନ



ଫରିଦାବାଦ/ବରିଆଣା, ୦୧/୧୧ (ଆ.ପ୍ର) : ଦେଶର ଜନସାଧାରଣଙ୍କ ଲଗାତାର ବୃଦ୍ଧାସ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଜବୁତ ନେତୃତ୍ୱ ଉପରେ ନିଜର ଆସ୍ଥା ପ୍ରକଟ କରିଛନ୍ତି । ଜନାବେଶର ଏହି ନିରନ୍ତର ସମର୍ଥନକୁ କଂଗ୍ରେସ ସହ୍ୟ କରିପାରୁନାହିଁ । ନିଜର ରାଜନୈତିକ ବିପତ୍ତା ଓ କ୍ରମାଗତ ପରାଜୟର ଫାନାଫନକୁ ସ୍ୱୀକାର କରିବା ପରିବର୍ତ୍ତେ କଂଗ୍ରେସ ଦଳ ଏବେ ନିର୍ବାଚନ ଆୟୋଗ ଏବଂ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଉପରେ ଆରୋପ ଲଦିବାରେ ବ୍ୟସ୍ତ ଅଛି ବୋଲି କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦରିଦାବାଦ ଠାରେ ଆୟୋଜିତ 'ଲୋକତନ୍ତ ବଂଚାଓ, ଅରାଜକତା ହଟାଓ' ପଦଯାତ୍ରାରେ ସାମିଲ ହେବା ଅବସରରେ ଶ୍ରୀ ପ୍ରଧାନ କଂଗ୍ରେସର ଅରାଜକତା ଏବଂ ଦୋମୁହାଁ ନୀତିକୁ କଡ଼ା ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ, କଂଗ୍ରେସ ଯେଉଁ 'ଭୋଟ୍ ଚୋରି'ର ହଟକମତ ସୃଷ୍ଟି କରୁଛି, ତାହା କେବଳ ନିଜର ପରାଜୟକୁ ଲୁତାଇବା ଏବଂ ବେଆଇନ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବାର ଏକ ନିନ୍ଦନୀୟ ଷଡ଼ଯନ୍ତ୍ର ମାତ୍ର । କଂଗ୍ରେସର ନୀତି ହେଉଛି- ଯେଉଁଠି ନିର୍ବାଚନରେ ଜିତିବେ, ସେଠି ଗଣତନ୍ତ ସୁରକ୍ଷିତ; ଆଉ ଯେଉଁଠି ହାରିବେ, ସେଠି 'ଅଙ୍ଗୁର କୋଳି ଖଟା' ବନ୍ଦ୍ରା । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଜନସାଧାରଣଙ୍କ ବିଶ୍ୱାସ ହରାଇସାରିଥିବା କଂଗ୍ରେସ ଦଳ ଏବେ ସଂସଦରୁ ସଡ଼କ ପର୍ଯ୍ୟନ୍ତ କେବଳ ମିଥ୍ୟା ଓ ଭ୍ରମ ସୃଷ୍ଟି କରିବାରେ ଲିପ୍ତ ଅଛି । ସଂସଦୀୟ ଗଣତନ୍ତର ମନ୍ଦାକ ଉଡ଼ାଇ ସେମାନେ ନିଜର 'ମକ୍ ପାର୍ଲାମେଂଟ'ର ଆୟୋଜନ କରୁଛନ୍ତି । ଅତୀତରେ ଦେଶ ଉପରେ ଜରୁରୀକାଳୀନ ପରିସ୍ଥିତି ଲବି ଦେଇ ଗଣତନ୍ତର ହତ୍ୟା କରିଥିବା କଂଗ୍ରେସ ଆଜି ସାମ୍ବିଧାନିକ ଦୁହାର ଦେଉଛି, ଯାହା ଅତ୍ୟନ୍ତ ହାସ୍ୟାସ୍ପଦ । ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି ଯେ, ଆଜି ଫରିଦାବାଦର ଏହି ସଫଳ ପଦଯାତ୍ରା ସମଗ୍ର ଦେଶକୁ ଏକ ସ୍ପଷ୍ଟ ସନ୍ଦେଶ ଦେଇଛି ଯେ, ଗଣତନ୍ତର ଆହୁରାଦରେ ଅରାଜକତା ସୃଷ୍ଟି କରିବା, ଜନାବେଶକୁ ଅପମାନିତ କରିବା ଏବଂ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ବଦନାମ କରିବାର କଂଗ୍ରେସି ଷଡ଼ଯନ୍ତ୍ରକୁ ଦେଶବାସୀ କେବେହେଁ ସ୍ୱୀକାର କରିବେ ନାହିଁ । ଏହି ପଦଯାତ୍ରାର

ସମ୍ପାଦକୀୟ
ଆରମ୍ଭ
SEITHO ARAMBHA
ସୋମବାର, ୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩





ବେଆଇନ ବାଣକାରବାର ଲକ୍ଷ ଲକ୍ଷ ଟଙ୍କା ବାଣ କାରବାର ଓ ବିକ୍ରି ପଛରେ ପ୍ରଶାସନର ହାତ

ବାଲିଆପାଳ, ୦୧/୧୧ (ଆ.ପ୍ର) : ଓଡ଼ିଶା ଗାଢ଼ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସବିସି) ପକ୍ଷରୁ ଚଳିତ ବର୍ଷ ଦୀପାବଳି ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ବାୟୁ ଏବଂ ଶବ୍ଦ ପଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ବୋର୍ଡ ପକ୍ଷରୁ ଗାଇଡ୍‌ଲାଇନ ମୁତ୍ତାବକ ବାଣ ଏବଂ ଅନ୍ୟାନ୍ୟ ନିଷିଦ୍ଧ ରାସାୟନିକ ପଦାର୍ଥର ବ୍ୟବହାର ଉପରେ ସମ୍ପୂର୍ଣ୍ଣ ଜଟକଣା ଲଗାଯାଇଛି । ଏହି ନିୟମ ଅନୁଯାୟୀ, କେବଳ ପରିବେଶ ଅନୁକୂଳ ଗ୍ରୀନ ବ୍ରାଣ୍ଡର ବା ସବୁଜ ବାଣ ବିକ୍ରି ଓ ବ୍ୟବହାର ପାଇଁ ଅନୁମତି ମିଳିଛି । ସରକାରୀ ପରିବେଶ ପଦୂଷଣ ରୋକିବା ପାଇଁ ଦୀପାବଳୀରେ ବାଣ ଫୁଟାଇବା ଉପରେ ରୋକ ଲଗାଇବା ପାଇଁ ଘୋଷଣା କରିଛନ୍ତି । ତେବେ ସବୁ ନିୟମକୁ ଫୁ କରି ଜିଲ୍ଲା ଅଥାତ୍ ବାଣ ବ୍ୟବସାୟୀ ଏବେପୋରୁ ସେମାନଙ୍କର ବ୍ୟବସାୟ ଜୋର ସୋରରେ ଆରମ୍ଭ କରିଛନ୍ତି । ବାଲିଆପାଳ ବ୍ଲକ ଛତା ଗ୍ରାମ ସମେତ ବଜାର, ବାଲିକୁଦି ପ୍ରଭୃତି ଗ୍ରାମରେ ଏବେ ବେଆଇନ ବାଣ ତିଆରି ସାଙ୍ଗକୁ କାରବାର ବେଧଭାବ ଚାଲୁଥିବା ଦେଖିବାକୁ ମିଳିଛି । ଏହିସବୁ ଗ୍ରାମରେ ବାର୍ଘପାନ ଧରି ବାଣ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନେ ବାଣ ତିଆରିରେ ବ୍ୟସ୍ତ ଅଛନ୍ତି । ଏହା ଛଡ଼ା ଗ୍ରାମରେ ବର୍ତ୍ତମାନ ଦୀପାବଳିପାଇଁ ଲକ୍ଷ ଲକ୍ଷ ଟଙ୍କାର ବାଣ ତିଆରି କରି ଗଚ୍ଛିତ ରଖାଯାଇଛି । ଉକ୍ତ କ୍ଷମତା ସମ୍ପନ୍ନ ବାଣ ସାଙ୍ଗକୁ ଛି ଛି ନୁ ଆବଦ୍ଧବାଜା ପ୍ରସ୍ତୁତ କରାଯାଇଛି । ଏହି ସବୁ ବାଣ ତିଆରି ଚରେ ବାଣ ବ୍ୟବସାୟୀମାନେ ନିଜ ସେମାନଙ୍କ ପରିବାର ସମେତ ବହୁ ଲାଗିରୁକୁ ନାଡିଙ୍କ ଜୀବନ ଯାଇଥିଲା । ତେବେ କିଛିଦିନ ବାଣ କାରବାର ବନ୍ଦପରେ ଏବେ ପୁଣି ସେ ବାଣକାରବାରକୁ ଆରମ୍ଭ କରିଦେଇଛନ୍ତି । ସେହିପରି ଏକାଧିକ ବ୍ୟବସାୟୀ ବର୍ତ୍ତମାନ ଚାହବ ପୋଡି ପାଇଁ ବାଣ ତିଆରିରରେ ବ୍ୟସ୍ତ ରହୁଛନ୍ତି । ଏହି ନିର୍ଦ୍ଦେଶାବଳୀ ଉଲ୍ଲଂଘନ କଲେ ଓଡ଼ିଶା ବାଣ ଓ ଲାଉଡସ୍ପିକର (ନିୟନ୍ତ୍ରଣ) ଅଧିନିୟମ, ୧୯୫୮ ଏବଂ ଶବ୍ଦ ପଦୂଷଣ (ନିୟନ୍ତ୍ରଣ ଓ ପ୍ରଶମନ) ନିୟମ, ୨୦୦୦ ଅନୁଯାୟୀ ବଣ୍ଡନିଧାନ କରାଯିବ । କୌଣସି ଅଭିଯୋଗ ଥିଲେ ନିକଟସ୍ଥ ପୋଲିସ ଷ୍ଟେସନ କିମ୍ବା ଜିଲ୍ଲା ପ୍ରଶାସନକୁ ଜଣାଇବାକୁ କୁହାଯାଇଛି । ତେବେ ଏହି କାରବାର ପଛରେ ବାଲିଆପାଳ ଏଂ ଫିଙ୍ଗା ପୋଲିସର ପ୍ରବଳ ହାତ ରହିଥିବା ଅଭିଯୋଗ ହୋଇଛି । ମୋଟ ଅଙ୍କର ମାସିକିଆ ନେଇ ଏହି କାରବାର ପ୍ରସୋଇବ ଯୋଗାଉଥିବା ଅଭିଯୋଗ ହୋଇଛି । ପ୍ରଶାସନ ପକ୍ଷରୁ ବର୍ତ୍ତମାନ ବାଣ ତିଆରି କାରଖାନା ଉପରେ ଚଢାଉ କରାଗଲେ ଲକ୍ଷାଧିକ ଟଙ୍କାର ବୋଆଳ ଜବତ ହେବା ସହ ଏହି କାରବାର ଉପରେ ରୋକ ଲଗାଯାଇ ପରି ବ ବୋଲି ବୁଦ୍ଧିଜିବୀମାନେ ଦାବି କରିଛନ୍ତି ।



୬୫୦ ଶଯ୍ୟାର ଅତ୍ୟାଧୁନିକ ହସ୍ପିଟାଲ, ଶବ ବ୍ୟବଚ୍ଛେଦ ଗୃହରେ ଝୁଲୁଛି ତାଲା
ମୃତ୍ୟୁ ପରେ ବି ଦୁର୍ଦ୍ଦଶାରୁ ମୁକ୍ତି ନାହିଁ; ଅଢ଼େଇ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରିଲାନି ବ୍ୟବସ୍ଥା

ବାଲେଶ୍ୱର, ୦୧/୧୧ (ଆ.ପ୍ର) : ଜୀବନ ଟଂଟାଇବା ପାଇଁ ଆଧୁନିକ ଚିକିତ୍ସା ସୁବିଧା, ମାତ୍ର ମୃତ୍ୟୁ ପରେ ଶବ ବ୍ୟବଚ୍ଛେଦ ପାଇଁ ଅନ୍ୟ ହସ୍ପିଟାଲର ଦ୍ୱାରସ୍ଥ ହେବାକୁ ପଡୁଛି । ୬୫୦ ଶଯ୍ୟା ବିଶିଷ୍ଟ ବିଶାଳ ହସ୍ପିଟାଲ, ଆଧୁନିକ ଜିଡିରୁମି ଓ ମେଡିକାଲ କଲେଜର ମାନ୍ୟତା ଥାଇ ମଧ୍ୟ ଶବ ବ୍ୟବଚ୍ଛେଦ ପାଇଁ ନାହିଁ କାର୍ଯ୍ୟକ୍ଷମ ବ୍ୟବସ୍ଥା । ଏଭଳି ବିଡ଼ମ୍ବନାପୂର୍ଣ୍ଣ ସ୍ଥିତି ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲାର ରେମୁଣାସ୍ଥିତ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ । ହସ୍ପିଟାଲ ପରିସରରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ଏଯାଏଁ ତାହା କାର୍ଯ୍ୟକ୍ଷମ ହୋଇନାହିଁ । ଫଳରେ ମୃତଦେହ ପରିବାରକୁ ମୃତ୍ୟୁର ଦୁଃଖ ସହିତ ଅତିରିକ୍ତ ଆର୍ଥିକ ଓ ମାନସିକ ଯନ୍ତ୍ରଣା ଭୋଗିବାକୁ ପଡୁଛି । ୨୦୧୮ ମସିହାରେ ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ଦାବି ପରେ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ହୋଇଥିଲା । ଏହାଦ୍ୱାରା ଜିଲ୍ଲାବାସୀଙ୍କୁ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମିଳିବାର ଆଶା ସୃଷ୍ଟି ହୋଇଥିଲା । ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ୨ ମାର୍ଚ୍ଚ ୨୦୨୪ରେ ୬୫୦ ଶଯ୍ୟା ବିଶିଷ୍ଟ ନୂତନ ହସ୍ପିଟାଲ କୋଠର ଲୋକାର୍ପଣ ହୋଇଥିଲା । ନୂତନ ଜିଡିରୁମି, ଅଧିକ ଶଯ୍ୟା ଓ ଆଧୁନିକ ଚିକିତ୍ସା ସୁବିଧାକୁ ନେଇ ଜିଲ୍ଲାବାସୀଙ୍କ ଆଶା ଆହୁରି ବଢ଼ିଥିଲା । କିନ୍ତୁ ମେଡିକାଲ କଲେଜ ପ୍ରତିଷ୍ଠାର ପ୍ରାୟ ଆଠ ବର୍ଷ ଏବଂ ନୂତନ ହସ୍ପିଟାଲ କୋଠା ଉଦ୍‌ଘାଟନର ଦୁଇ ବର୍ଷ ପରେ ମଧ୍ୟ ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ ନହେବା ପ୍ରଶାସନିକ ଅବହେଳାର ଏକ ନମୁନା ବୋଲି ଅଭିଯୋଗ ହେଉଛି । ଏହି ଅତ୍ୟାବଶ୍ୟକ ସୈଧାସକ୍ଷମ ପ୍ରଶାବ ପହୁଞ୍ଚି ସାଧାରଣ ଲୋକଙ୍କ ମଧ୍ୟରେ । ରେମୁଣା ମେଡିକାଲରେ କୌଣସି ରୋଗୀଙ୍କ ମୃତ୍ୟୁ ଘଟିଲେ କିମ୍ବା ଶବ ବ୍ୟବଚ୍ଛେଦର ଆବଶ୍ୟକତା ପଡ଼ିଲେ ମୃତଦେହକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପଡୁଛି । ଏଥିପାଇଁ ଅନେକ ସମୟରେ ଘଣ୍ଟାଏ ଆମ୍ବୁଲାନ୍ସ ଉପରେ ନିର୍ଭର କରିବାକୁ ହେଉଛି । ଫଳରେ ମୃତଦେହ ପରିବହନ ପାଇଁ ପରିବାରବର୍ଗଙ୍କୁ ଅତିରିକ୍ତ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି । ପ୍ରିୟଜନଙ୍କୁ ହରାଇ ଶୋକାକୁଳ ପରିବାର ପାଇଁ ଏହି ଖର୍ଚ୍ଚ ଆଉ ଏକ ଆର୍ଥିକ ବୋଝ ପାଲଟୁଛି । କେବଳ ଆର୍ଥିକ ଖର୍ଚ୍ଚ ନୁହେଁ, ମୃତଦେହକୁ ନେଇ ଅନିଶ୍ଚିତତା ମଧ୍ୟରେ ଅପେକ୍ଷା କରିବାର ଯନ୍ତ୍ରଣା ମଧ୍ୟ ସମ୍ପର୍କୀୟଙ୍କୁ ଭୋଗିବାକୁ ପଡୁଛି । ଶବ ସଂରକ୍ଷଣ ଓ ଶବ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ ସ୍ଥାନୀୟ ସୁବିଧା ନଥିବାରୁ ଅନେକ ସମୟରେ ଆତ୍ମୀୟସ୍ୱଜନଙ୍କ ହସ୍ପିଟାଲ ପରିସରରେ ମୃତଦେହ ପାଖରେ ରାତିସାରା ଜଗି ରହିବାକୁ ପଡୁଛି । ଯେଉଁ ପରିବାର ନିଜ ଲୋକକୁ ହରାଇ ଗଭୀର ଶୋକରେ ଥାଆନ୍ତି, ସେମାନଙ୍କୁ ଏଭଳି ଅସୁବିଧା ମଧ୍ୟରେ ଛାଡ଼ିଦେବା ସ୍ୱାସ୍ଥ୍ୟସେବାର ମାନବିକ ଦିଗ ପ୍ରତି ଗୁରୁତର ପ୍ରଶ୍ନ ଉଠାଇଛି । ଏତେ ବଡ଼ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପରେ ମଧ୍ୟ ତାହା କାହିଁକି କାର୍ଯ୍ୟକ୍ଷମ ହୋଇପାରିନାହିଁ, ତାହା ଏବେ ବଡ଼ ପ୍ରଶ୍ନ । ଆବଶ୍ୟକ ଡାକ୍ତର, ଫରେନସିକ୍ ବିଶେଷଜ୍ଞ, ଟେକ୍ନିସିଆନ୍ ଓ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତି ହୋଇନାହିଁ କି ? ମୃତଦେହ ସଂରକ୍ଷଣ ପାଇଁ ଶୀତଜନୀକରଣ ବ୍ୟବସ୍ଥା ଏବଂ ଆବଶ୍ୟକ ଯନ୍ତ୍ରପାତିର ଅଭାବ ରହିଛି କି ? ଯଦି ଏସବୁ ବ୍ୟବସ୍ଥାର ଅଭାବ ରହିଛି, ତେବେ ଏହାର ସମାଧାନ ପାଇଁ ଏଯାଏଁ କାହିଁକି ପଦକ୍ଷେପ ନିଆଯାଇନାହିଁ ? ଏହାର ଉତ୍ତରଦାୟିତ୍ୱ ମେଡିକାଲ କଲେଜ ଅଧ୍ୟକ୍ଷଙ୍କର, ହସ୍ପିଟାଲ ଅଧ୍ୟକ୍ଷଙ୍କର ନା ସ୍ୱାସ୍ଥ୍ୟ ବିଭାଗର ? ଦୀର୍ଘଦିନ ଧରି ଏହି ସମସ୍ୟା ରହିଥିଲେ ମଧ୍ୟ ସମାଧାନ ପାଇଁ ଠୋସ୍ ପଦକ୍ଷେପ ନିଆଯାଇନଥିବାରୁ ପ୍ରଶାସନିକ ତତ୍ପରତା ଉପରେ ପ୍ରଶ୍ନ ଉଠିଛି । ସ୍ୱାସ୍ଥ୍ୟସେବାର ଅର୍ଥ କେବଳ ନୂଆ ଭୋଟା ନିର୍ମାଣ, ଶଯ୍ୟା ସଂଖ୍ୟା ବୃଦ୍ଧି କିମ୍ବା ଉଦ୍ ?ଘାଟନ ଉତ୍ସବ ନୁହେଁ । ରୋଗୀଙ୍କ ଚିକିତ୍ସା ସହିତ ମୃତ୍ୟୁ ପରେ ମୃତଦେହର ସମ୍ମାନଜନକ ପରିତାଳନା ମଧ୍ୟ ଏକ ସୁସ୍ଥ ଓ ସମବେଦନଶୀଳ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅବିଚ୍ଛେଦ୍ୟ ଅଂଶ । ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଲୋକାର୍ପଣ କରିବାରେ ସରକାର ଓ ପ୍ରଶାସନ ସକ୍ଷମ ହୋଇଥିବାବେଳେ ଏହାର ଶବ ବ୍ୟବଚ୍ଛେଦ ଗୃହକୁ କାର୍ଯ୍ୟକ୍ଷମ କରିବାରେ ଏତେ ବିଳମ୍ବ କାହିଁକି, ତାହାର ଜବାବ ଜିଲ୍ଲାବାସୀ ଚାହିଁଛନ୍ତି । ତେଣୁ ତୁରନ୍ତ ଶବ ବ୍ୟବଚ୍ଛେଦ ଗୃହକୁ କାର୍ଯ୍ୟକ୍ଷମ କରିବା, ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି, ମୃତଦେହ ସଂରକ୍ଷଣ ପାଇଁ ଶୀତଜନୀକରଣ ବ୍ୟବସ୍ଥା ଏବଂ ଆବଶ୍ୟକ ଯନ୍ତ୍ରପାତି ଯୋଗାଇବେବା ସହିତ ସରକାରୀ ଶବ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଦାବି ହେଉଛି । ନତେତ୍ ରେମୁଣାର ୬୫୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍ପିଟାଲରେ ତାଲା ପଡ଼ିଥିବା ଶବ ବ୍ୟବଚ୍ଛେଦ ଗୃହ ହିଁ ସ୍ୱାସ୍ଥ୍ୟସେବାର ବିକାଶ ଦାବିକୁ ପ୍ରଶ୍ନବାଚୀ ଜରି ରଖୁଚ ।

ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଳିଲା ଏଫ୍ ଆର ୟୁ ମାନ୍ୟତା
ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ଏନଏଚଏମ ମିଶନ ନିର୍ଦ୍ଦେଶକଙ୍କୁ ଭେଟିଲେ ବିଧାୟକ

ଜୋଗାଗାଇ, ୦୧/୧୧ (ଆ.ପ୍ର) : ଓଡ଼ିଶାର ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ବ୍ଲକ ଜୋଗାଗାଇ । ସାଢ଼େ ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ଏହି ୨ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସର୍ଜରି ଓ ଜରୁରୀ ଚିକିତ୍ସାର ବ୍ୟବସ୍ଥା ନ ଥିବାରୁ ରୋଗୀ ଆସିଲା ମାତ୍ରେ ତାଙ୍କୁ ୯୦ କି.ମି. ଦୂର ବାଲେଶ୍ୱର ଜିଲ୍ଲା ହସ୍ପିଟାଲ କିମ୍ବା ଫକୀରମୋହନ ମେଡିକାଲ କଲେଜକୁ ରେଫର୍ କରି ଦିଆଯାଏ । ଯାହା ଫଳରେ ତୁରନ୍ତ ଚିକିତ୍ସା ନ ପାଇ ଅଜାଡରେ ଜୀବନ ମଧ୍ୟ ହାରି ଯାଉଛି । ଏନେଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ପାଣ୍ଡ ରେଫେରାଲ ୟୁନିଟ୍ (ଏଫ୍ ଆର୍ ୟୁ)ରେ ପରିଣତ କରିବା ପାଇଁ ୨ ବର୍ଷ ହେଲା ବିଧାୟକ ଗୌତମବୁଦ୍ଧ ଦାସ ବିଧାନସଭା ଓ ସ୍ୱାସ୍ଥ୍ୟ ବିଭାଗର ଷ୍ଟାଣ୍ଡିଂ କମିଟି ବୈଠକରେ ଦାବି କରି ଆସୁଥିଲେ । ଏଫ୍ ଆର୍ ୟୁ ହେଲେ ଏଠାରେ ପ୍ରସୂତିମାନଙ୍କ ସିଜରିଆନ୍ ହେବା ସହ ଅନ୍ୟାନ୍ୟ ସର୍ଜରି ମଧ୍ୟ ହୋଇପାରିବ । ଖୁସିର କଥା ହେଲା, ସ୍ୱାସ୍ଥ୍ୟ ବିଭାଗ ଏହାକୁ ମାନ୍ୟତା ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି । ଏଥିପାଇଁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ ହୋଇ ରହିଛି । ପୂର୍ବ ସରକାର ଆମଳରେ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ ଏକ ନୂତନ ବିଲ୍ଡିଂ ନିର୍ମାଣ ହୋଇ ହସ୍ପିଟାଲକୁ ହସ୍ତାନ୍ତର ସମ୍ଭିଛି । ମାତୃ ବିଭାଗ, ଶିଶୁ ସୁରକ୍ଷା, ଏନ୍‌ସିଡି, ଏନ୍‌ଏମ୍ ଓ ଏକ ଏବ୍ ଏମର ଯନ୍ତ୍ରୀମାନଙ୍କ ସହ ବାରମ୍ବାର ବୈଠକ ସତ୍ତ୍ୱେ ବର୍ଷେ ହେଲା ନୂଆ ବିଲ୍ଡିଂରେ ବିଦ୍ୟୁତ ସଂଯୋଗ ହୋଇପାରୁନି କି ହସ୍ପିଟାଲ ସ୍ଥାନାନ୍ତର ହୋଇପାରୁନି । ଏନେଇ ବିଧାୟକ ଶ୍ରୀ ଦାସ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଡ଼ା. ମହେଶମୋହନ ପଣ୍ଡା ଓ ଏକ ଏବ୍ ଏମର ମିସନ ଡାଇରେକ୍ଟର ଡ. ରାଜାଲି ପରାଗ ଦର୍ଦ୍ଦବଙ୍କୁ ପୃଥକ୍ ପୃଥକ୍ ଭାବେ ସାକ୍ଷାତ କରି ନୂତନ ବିଲ୍ଡିଂକୁ ତୁରନ୍ତ ସ୍ଥାନାନ୍ତର କରି ଏଫ୍ ଆର୍ ୟୁକୁ କାର୍ଯ୍ୟକ୍ଷମ କରିବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି, ନୂତନ ଓଟି ପାଇଁ ଆବଶ୍ୟକ ଯନ୍ତ୍ରପାତି ଯୋଗାଣ ଏବଂ 'ଆମ ହସ୍ପିଟାଲ' ଯୋଜନାରେ ଆସିଥିବା ଅର୍ଥରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନବୀକରଣ ଆଦି ପ୍ରସଙ୍ଗରେ ଆଲୋଚନା କରିବା ସହିତ ଦାବିକୁ ତୁରନ୍ତ ପୂରଣ କରିବାକୁ ନିବେଦନ କରିଥିଲେ ।



ଲୟାର୍‌ସ୍ ଫୋରମ୍, ବାଲେଶ୍ୱରର ପ୍ରଥମ ବୈଠକ



ବାଲେଶ୍ୱର, ୦୧/୧୧ (ଆ.ପ୍ର) : ଉଦ୍‌ବାର ସନ୍ଧ୍ୟା ୫ ଘଟିକାରେ ଓକିଲ ସଂଘର ସମ୍ପାଦକ ସଂବିତ୍ ନନ୍ଦାଙ୍କ ଚର୍ଚ୍ଚଲେନ୍ସ ସ୍ଥିତ ଦାସଭବନରେ ଲୟାର୍‌ସ୍ ଫୋରମ୍, ବାଲେଶ୍ୱରର ପ୍ରଥମ ବୈଠକ ବରିଷ୍ଠ ଆଇନଜୀବୀ ରଘୁନାଥ ମାହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ୨୦ଜଣରୁ ଉର୍ଦ୍ଧ୍ୱ ଆଇନଜୀବୀ ଉପସ୍ଥିତ ରହିଥିଲେ । ଉପସ୍ଥିତ ଆଇନଜୀବୀମାନଙ୍କର ପ୍ରସ୍ତାବ ଓ ଅନୁମୋଦନକ୍ରମେ ଏହି ସଂଗଠନର ନାମକରଣ 'ଲୟାର୍‌ସ୍ ଫୋରମ୍, ବାଲେଶ୍ୱର' ଘୋଷାଯାଇଥିଲା । ବୈଠକରେ ସର୍ବପ୍ରଥମେ ଆଇନଜୀବୀ ମାନ୍ଧାତା ଭବ୍ୟାନ୍ତ୍ୟ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ । ଆଇନଜୀବୀ ତଥା ଓକିଲ ସଂଘ ସମ୍ପାଦକ ସଭାପତି କୁମାର ନହରି, ରଘୁନାଥ ମାହାନ୍ତି, ବିଚିତ୍ରାନନ୍ଦ ଦାସ, ନରେନ୍ଦ୍ରନାଥ ପାଣିଗ୍ରାହୀ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ସଭାକାର୍ଯ୍ୟ ତୁଲାଇଥିଲେ । ବୈଠକରେ ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ବାଦଦରର ଆଲୋଚନା ହୋଇଥିଲା । ଏ ସଂଗଠନ ବାଲେଶ୍ୱରରେ ଜିଲ୍ଲାର ଏକ ପ୍ରମୁଖ ସଂଗଠନ ହୋଇପାରିବ, ଏ ବିଷୟରେ ଉପସ୍ଥିତ ସମସ୍ତ ଆଇନଜୀବୀ ନିଜନିଜର ମତ ରଖିଥିଲେ । ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ଓକିଲମାନଙ୍କର ବିଭିନ୍ନ ସମସ୍ୟା, କଲ୍ୟାଣକାରୀ ଯୋଜନା, ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳ ସମରୁତ ମଧ୍ୟ ଓକିଲଙ୍କ ଅଧିକାର ଆଦି ରହିବ ବୋଲି ସର୍ବସମ୍ମତିକ୍ରମେ ବୈଠକରେ ଅନୁମୋଦିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସୁଦାମ୍ବୁ ଦାସ, ଯଜ୍ଞେଶ୍ୱର ସାହୁ, ଖେଖଶ ଚନ୍ଦ୍ର ସାହା, ମିର୍ ଅବଦୁଲ ମଜିଦ୍, ରାମକୃଷ୍ଣ ଜେନା, ଜାମାଳୀନ ପରିଡ଼ା, ସୁବ୍ରତ କୁମାର ଦେ, ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବୈଠକକୁ ସାଫଲ୍ୟମଣ୍ଡିତ କରିଥିଲେ । ସର୍ବଶେଷରେ ଆଇନଜୀବୀ ରାମକୃଷ୍ଣ ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ରଘୁନାଥ ମାହାନ୍ତିଙ୍କ ସଭାସାଙ୍ଗ କରିଥିଲେ ।

ବାଲେଶ୍ୱର ଜିଲ୍ଲା ଆଂଚଳିକ ପରିବହନ ବିଭାଗ ଏବଂ ନୀଳଗିରି ପୋଲିସଙ୍କ ମିଳିତ ଭାବେ ପୋଡାଶୂଳ ପାନବରଜ ବ୍ଲକ ରାସ୍ତାରେ ଚେକିଙ୍ଗ

ନୀଳଗିରି, ୦୧/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ପରିବହନ ବିଭାଗ ଏବଂ ନୀଳଗିରି ପୋଲିସଙ୍କ ମିଳିତ ଭାବେ ପୋଡାଶୂଳ ପାନବରଜ ବ୍ଲକ ନିକଟରେ ବାଇକ୍ ହେଲମେଟ୍ ଲାଇସେନ୍ସ ଏବଂ ଗାଡ଼ିର ସମସ୍ତ ଜାଗଜପତ୍ର ଚାଂଚ କରିଥିବା ଦେଖା ଯାଇଛି । ଦୈନନ୍ଦିନ ପ୍ରାୟତଃ ଅନେକ ଲୋକ ବିନା ହେଲମେଟ୍‌ରେ ଗାଡି ଚଳାଉଥିବା ବେଳେ ଦୈନନ୍ଦିନ ଏଞ୍ଜିଙ୍ଗେଂଟ ରେ ଅନେକ ଲୋକ ପ୍ରାଣ ହରାଇଛନ୍ତି । ଏଭଳି ଦୃଷ୍ଟିରେ ରଖି ଆଜି ପୋଡାଶୂଳ



ପାନବରଜ ବ୍ଲକ ନିକଟରେ ବାଇକ୍ ହେଲମେଟ୍ ଚେକିଙ୍ଗ୍ ହେଇଥିଲା । ଏହି ଚେକିଙ୍ଗ୍‌ରେ ଅତିରିକ୍ତ ଆଂଚଳିକ ପରିବହନ ବିଭାଗର ଅଧିକାରୀ ସାବିତ୍ରୀ ସେମ୍ଭୁମ୍, ନୀଳଗିରି ଥାନ ଏଏସଆଇ ବିଶ୍ୱଜିତ ସାହୁ, ଜଳେଶ୍ୱରଦ୍ୟ ଧନେଶ୍ୱର ବିଶ୍ୱ, ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଏଠାରେ ପ୍ରାୟ ୨୦ ଟି ବାଇକ୍‌ରେ ଚେକିଙ୍ଗ୍ ହେବା ସହିତ ଅଣାଇକେ ଚଳାର ଟଙ୍କା ଚାଲାଣ କଟା ଯାଇଥିବା ଜଣାଯାଇଛି ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଓଡ଼ିଆ ସାହିତ୍ୟର ନୂତନ ସୃଷ୍ଟି' ଶୀର୍ଷକ ଆଲୋଚନାଚକ୍ର

ନୀଳଗିରି, ୦୧/୧୧ (ଆ.ପ୍ର) : ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧ ପରମ୍ପରାକୁ ଆଗକୁ ନେବା ସହ ସମାଜାଳ ସହିତ୍ୟର ନୂତନ ଧାରା, ସୃଜନଶୀଳତା ଓ ବିଶ୍ୱାଧାରାକୁ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ 'ଓଡ଼ିଆ ସାହିତ୍ୟର ନୂତନ ସୃଷ୍ଟି' ଶୀର୍ଷକ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କଥା, କବିତା, ଉପନ୍ୟାସ ଓ ମହିନା ଲେଖିକାଙ୍କ ସୃଜନୀ ମାଧ୍ୟମରେ ଓଡ଼ିଆ ସାହିତ୍ୟର ଦିଜିନ୍ନ ଦିଗ ଏହି ଆଲୋଚନାଚକ୍ରରେ ସ୍ଥାନ ପାଇଥିଲା । କାର୍ଯ୍ୟକ୍ରମରୁ ଉଦ୍‌ଘାଟନ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ଦଳପତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଓଡ଼ିଆ ପରାମର୍ଶଦାତା ମଣ୍ଡଳୀର ଆବାହକ ତଥା ବିଶିଷ୍ଟ କଥାକାର ଡ଼ଟ୍ଟର ଗୌରହରି ଦାସ ଅଧ

ସମ୍ବାଦ
ଆରମ୍ଭ
SEITHO AKAMBHA
ସୋମବାର, ୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ନାରୀ

ରାମାୟଣ ସମୟରେ ସମାଜରେ ନାରୀଙ୍କ ଯେଉଁ ସ୍ଥିତିଥିଲା ତାହା ମହାଭାରତ ସମୟରେ ଆହୁରି କଦର୍ଯ୍ୟ ହେଇଗଲା । ଧର୍ମଗାଦ ଯୁଧିଷ୍ଠିର ନିଜ ପତ୍ନୀ ଦ୍ରୌପଦୀଙ୍କୁ ଜୁଟି ଖେଳରେ ଡାଳି ଲଗାଇ ଦେଇଲେ । ନାରୀର ଅସ୍ତିତ୍ୱ ଭୁଲୁଣ୍ଠିତ ହେଇଗଲା । ସେ ହେଉ ପୁରାଣ ଯୁଗ, ଐତିହାସିକ ବା କଳିଯୁଗ । ପୁରାଣ ମାନଙ୍କରେ ତ ଦେବତା ରାକ୍ଷସ ସମସ୍ତେ ଏକାଧିକ ପତ୍ନୀ ଗ୍ରହଣ କରିବାର ପରମ୍ପରା ଥିଲା । ରାକ୍ଷସମାନେ ତ ଯିଏ ଭଲ ଲାଗୁଥିଲା ତାକୁ ଜବରଦସ୍ତ ଆଣି ପତ୍ନୀ ରୂପେ ରା ରଖିଦା ରୂପେ ରଖୁଥିଲେ । ଐତିହାସିକ ଯୁଗରେ ମଧ୍ୟ ରାଜା ମହାରାଜା ମାନେ ରାଜ୍ୟ ଜୟ କଲେ ସେଇ ରାଜ୍ୟର ରାଜକନ୍ୟାକୁ ମଧ୍ୟ ବିବାହ କରୁଥିଲେ । ଏକାଧିକ ପତ୍ନୀ ରଖିବା ତାଙ୍କ ସଉକ ଥିଲା । ତା'ସହ ଯେଉଁ ଜାଗାକୁ ପାଇଥିଲେ ଯାଇଥିଲେ ସେଠାରେ ମଧ୍ୟ ସୁନ୍ଦରୀ ନାରୀ ମାନଙ୍କୁ ନିଜର ମନୋରଞ୍ଜନ ପାଇଁ ରଖିବା କରି ରଖୁଥିଲେ । ସେଇ ଅତିତଥ୍ୟକୁ ସୃଷ୍ଟି ସନ୍ଧାନ ମାନେ ପିଢ଼ି ପରିଚୟରୁ ବଂଚି ହୋଇ "ଜାଉଜ"ର ପରିଚୟ ନେଇ ସମାଜରେ ଅତି ଦୟନୀୟ ଏବଂ ସାମାଜିକ ସମ୍ମାନହୀନ ଜୀବନଯାପନ କରୁଥିଲେ । ଜଣେ ଶ୍ରୀମାଣ୍ଡାଙ୍କୀ ବ୍ୟକ୍ତିର ମନୋରଞ୍ଜନରୁ ସୃଷ୍ଟି ଏଇ ସନ୍ତାନଟି ଉପଯୁକ୍ତିତ ଜୀବନ ବିତାଉଥିଲା ଏବଂ ବାଧ୍ୟ ହୋଇ ଅନ୍ୟ ଭୁଲର ବଳି ହୋଇପୁଡୁଥିଲା । ଅନେକ ସ୍ଥାନରେ ଏଇ ସନ୍ତାନମାନେ ସମାଜରେ ଉପଯୋଗିତ ହେଉଥିବାରେ ଜଂଡିଘର ଉପଯୁକ୍ତ ପରିବେଶ ଅଭାବରୁ ଅପରାଧ କରିବାକୁ ବାଧ୍ୟ ହେଉଥିଲେ ଏବଂ ଦରଜାର ପଡ଼ିଲେ ତାଙ୍କ ସୃଷ୍ଟିର ସେଇ ଅମାଣିକଟିକେ ସନ୍ଧାନ ପାଇଲେ ତାକୁ ଏବଂ ତା'ର ଆଦ୍ୟ ପିଲାମାନଙ୍କୁ ଦରଜାର ଜବରଦସ୍ତ କରିବାକୁ ପଛାଉ ନ ଥିଲେ । ଏହା ତାଙ୍କର ଦୋଷ କଦାପି ନୁହେଁ । କିନ୍ତୁ ନାରୀ ଯୁଗେ ଯୁଗେ ଧରିତ୍ରୀ ପରି ସବୁ ସହିଛି । ପୁରୁଷ ସମାଜକୁ ନଷ୍ଟ କରିବାକୁ ଚେଷ୍ଟା କରିଛି । କେଉଁଠି ନାରୀ ବିନାଶର ଜାଉଣ ଘୋଳନି ବଦ୍ଦ ସବୁ ବିନାଶର କାରଣ ପୁରୁଷ ହୋଇଛି । ନାରୀର ଦେହ ପାଇଁ କ୍ଷମତା ପାଇଁ ଧନ ପାଇଁ ସର୍ବଦା ପୁରୁଷ ଗ୍ରୁଲ୍ ବାଟରେ ଯାଇ ଅଧର୍ମ ଆଚରଣ କରି ରାକ୍ଷସ ପାଲଟିଛି । ଆଉ ନାରୀ ତାକୁ ଠିକ୍ ବାଟକୁ ଆଣିବାକୁ ନିଜକୁ ତିନ ତିନ ଦଣ୍ଡ କରିଛି । ମା' ହେଉ ପତ୍ନୀ ହେଉ ରାସ୍ତା ହେଉ ବା ଜନ୍ମା ହେଉ, ଗୁରୁର ପୁରୁଷ ବିପଥଗାମୀ ହେଲେ ଏମାନେ ସର୍ବଦା ବିରୋଧ କରନ୍ତି ଏବଂ ସେଇ ବ୍ୟକ୍ତି ଦ୍ୱାରା ନିର୍ଯ୍ୟତିତ ମଧ୍ୟ ଘୁଞ୍ଚି ଏକଥା କାହାକୁ ଅଜଣା ନାହିଁ । ନାରୀଟିଏ ତ ସର୍ବଦା ନିଜ ନ ଖାଇ ଅନ୍ୟ ମାନଙ୍କୁ ଖୁଆଏ । ନିଜେ ଅସୁବିଧାରେ ରହି ଅନ୍ୟମାନଙ୍କ ପାଇଁ ସୁବିଧା ତିଆରି କରେ । ସେ ନାରୀ ସ୍ନେହମୟୀ, ମମତାମୟୀ, ଚଳାଖଣ୍ଡାରୀ, ପାକନକାରୀ, ଯାହାର ଅନୁପମ ସର୍ଷରେ ଶୁଷ୍କତରୁ ମଧ୍ୟ ପଲୁହାର ଘୋଇ ଉଠେ । ତା'ର ଜର ସର୍ଷରେ ମୁମୂର୍ଷୁ ଜୀବନ ଲାଭ କରେ । ନାରୀଟିଏ ତା'ର ସନ୍ତାନକୁ ୧୦ ମାସ ଗର୍ଭରେ ପାକନ କରେ । ପ୍ରସବ ସମୟରେ ଜୀବନ ସହ ସଂଘ୍ରାମ କରି ସେ ତା'ର ସନ୍ତାନକୁ ଜନ୍ମ ଦିଏ । ସନ୍ତାନର ଜନ୍ମ ସହ ମା'ଟିର ମଧ୍ୟ ପୁନର୍ଜନ୍ମ ଲାଭ ହେଇଥାଏ । ପୁଣି ପିଲାଟିର ଲାଳନପାଳନରେ ସେ ନିଜକୁ ଘୁଲିଯାଏ ଏତୁଡେଇ । ସେବା ଯତ୍ନରେ ପିଲାଟି ବଢ଼ ହୋଇଗଲେ ବୁଢ଼ିପାରେନି ମା'ର ତ୍ୟାଗ ଓ ସେବାର ପରାକାଷ୍ଠାକୁ । ନାରୀ ସର୍ବଦା ତା' ସୃଷ୍ଟିରେ ନିମଗ୍ନ ଥାଏ, ସେ ହେଉ ସନ୍ତାନ ସୃଷ୍ଟି, ପରିବାରର ଯତ୍ନ, ସମାଜର ମଙ୍ଗଳ କାମନା ବା ରାଜନୀତି । ସବୁ କ୍ଷେତ୍ରରେ ଯୁଗେ ଯୁଗେ ନାରୀ ତା'ର ପରାକାଷ୍ଠା ଦେଖାଇ ସମାଜକୁ ପୁରୁଷକୁ ସୁରକ୍ଷା କରେ ପୁରୁଷ, ମାତ୍ର ନାରୀର ଧୈର୍ଯ୍ୟର କାରଣ ଜି ପୁରୁଷ ପାଲଟି ଥାଏ ସବୁଠାରୁରେ । ନାରୀ ନିର୍ଯ୍ୟାତନା, ନାରୀ ଧର୍ଷଣ, ନାରୀଅତ୍ୟାଚାର ସବୁ ତ ପୁରୁଷ କରେ, ତେବେ ସେ ସୁରକ୍ଷା ଦିଏ କିପରି ? ଆଜି ନାରୀ ତାଆରି ନିଜର ସମ୍ମାନ ଓ ସୁରକ୍ଷାସହ ସମ୍ମାନ ଆଉ ସଂଘରର ସୁରକ୍ଷାପାଇଁ ସଦା ତତ୍ପର । ଯେ କୌଣସି କ୍ଷେତ୍ରରେ ଆଜି ନାରୀ ଅଗ୍ରଣୀ ଭୂମିକା ସ୍ପଚାରୁ ରୂପେ ଦୁଲାଇ ତା'ର ତ୍ୟାଗର ମହାନତା ପ୍ରଦର୍ଶନ କରୁଛି । ସେମିତି ସାହିତ୍ୟରେ ମଧ୍ୟ । ସାହିତ୍ୟ ଆମ ସମାଜର, ସଂସ୍କୃତିର ମାନଦଣ୍ଡ । ସମାଜର ଦର୍ପଣ ପ୍ରତିଫଳିତ ହୁଏ ସାହିତ୍ୟରେ । ସେଇ ସାହିତ୍ୟର ମଧ୍ୟ ନାରୀ ଏବେ ସୁଦୃଢ଼ପ୍ରସାରୀ ପ୍ରତିବେଦନରେ ଅତିତର ଜାର୍ଯ୍ୟରତ । ଲେଖିବାସହ ଅନେକ ପତ୍ରପତ୍ରିକାର ସମ୍ପାଦନା, ପ୍ରକାଶନ, ସାହିତ୍ୟର ପ୍ରଚାର ପ୍ରସାର ଓ ଭାଷା ସୁରକ୍ଷା ଦିଗରେ ନାରୀମାନଙ୍କ ଭୂମିକା ସ୍ମରଣୀୟ । ଆଜି ଅନେକ ସାହିତ୍ୟ ପତ୍ରିକା ଜେଜବ ନାରୀମାନଙ୍କ ଦକ୍ଷତାବଧାନରେ ପ୍ରକାଶ ପାଉଛି । ନାରୀଟିଏ ତା'ର ପତ୍ରିକାକୁ ନିଜର ସନ୍ତାନ ପରି ଲାଳନ ପାଳନ କରି ସମାଜରେ ତା'ର ଏକ ପରିଚୟ ସୃଷ୍ଟି କରାଇଛି । କୌଣସି ସ୍ଥିତିରେ ମଧ୍ୟ ପତ୍ରିକା ପ୍ରକାଶନ ଓ ଲେଖନ ଜାର୍ଯ୍ୟରେ, ସମାବେଶ ଆୟୋଜନରେ ପଛରେ ନାହିଁ ।

କୃତ୍ରିମ ବୁଦ ଧିମତା ଓ ଶରୀର ପାଇଁ ଡାଏଟ ବ୍ୟବସ୍ଥା

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ବର୍ତମାନର ସମୟରେ ଆମ ମାନଙ୍କର ଦୈନନ୍ଦିନ ରୁଟିନ ବଦ୍ଧା ଜୀବନରେ କୃତ୍ରିମ ବୁଦ୍ଧିମତା ବା ଏଆଇ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ନାହିଁ ବରଂ ଆମର ପ୍ରତିଟି ଜୀବନର କ୍ଷେତ୍ରକୁ ପ୍ରଭାବିତ କରୁଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆମର ଫିଟନେସର ଟ୍ରେନର ଦାୟିତ୍ୱ ମଧ୍ୟ ନିର୍ବାହ କରୁଛି । ବର୍ତମାନର ବ୍ୟସ୍ତ ଜୀବନ ଶୈଳୀରେ ଜିମ ଯାଇ ଓ୍ୱାର୍କଆଉଟ କରିବାକୁ ସମୟ ନାହିଁ ବୋଲି ଏଥିରେ ସମୟ ମଧ୍ୟ ବଚାଁଇ ଦେଉଛି ଏଆଇ ଆପ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଯୋଡ଼ାଯାଇଛି । ପୃଥିବୀ ବିଖ୍ୟାତ ସ୍ୱାସ୍ଥ୍ୟ ବିଜ୍ଞାନ ଜ୍ଞାନସେନ୍ସର ତଥ୍ୟ ଅନୁଯାୟୀ ୨୦୨୨ ସୁଦ୍ଧା ଫିଟନେସ ଆପ ବଜାର ୧୪.୬୪ କୋଟି ଡଲାରରେ ପହଂଚିବ । ଏବଂ ସେହି ସମୟ ବେଳକୁ ଫିଟନେସ ଆପ ବ୍ୟବହାରକାରୀଙ୍କ ସଂଖ୍ୟା ୧୦.୦୨ କୋଟିରେ ପହଂଚିପାରିବ । ଘରେ ଥାଇ ଆଉ କରିବା ବେଳ କିମ୍ବା ବିନିନ୍ଦୁ ଆପ ସାହାଯ୍ୟରେ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ଫିଟନେସ ପାଇଁ ଏବେ ଅନେକ ଲୋକ ଏଆଇ ବା କୃତ୍ରିମବୁଦ୍ଧିମତା ଉପରେ ନିର୍ଭର କରୁଛନ୍ତି ।

ଟେକ୍ନୋଲୋଜିର ବିକାଶ ଲୋକମାନଙ୍କୁ ନିଜର ସ୍ୱାସ୍ଥ୍ୟ ଏବଂ ଫିଟନେସ ସ୍ତରରେ ସୁଧାର ଆଣିବାରେ ସାହାଯ୍ୟ କରୁଛି । ବର୍ତମାନ ବହୁ ସଂଖ୍ୟକ ଫିଟନେସ ଆପ, ଜିମ୍ ମ୍ୟାନେଜମେଂଟ ସଫ୍ଟୱେୟାର, ଗ୍ୟାଜେଟ ଏବଂ ପୋଷାକ ଉପଲବ୍ଧ ହେଉଛି । ଏହା ବହୁ ଲୋକପ୍ରିୟ ମଧ୍ୟ ହେଲାଣି ପୋଷାକ ପିନ୍ଧି ୱାର୍କଆଉଟ କରିବା ଏବେର ଟ୍ରେଣ୍ଡ । ନିଜକୁ ଫିଟ ରଖିବା ଏବଂ ବ୍ୟବସ୍ତିତ ଦିନଚର୍ଯ୍ୟା ଆପଣାଇବାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସାହାଯ୍ୟ କରୁଛି । ହେଲେ ଫିଟ ରହିବା ପାଇଁ ବ୍ୟାୟାମ ବଜାର ନଥାଏ । ଏହା ସହିତ ଡାଏଟ ମଧ୍ୟ ଜରୁରୀ । ଫିଟନେସ ଲକ୍ଷ୍ୟକୁ ଉପଯୁକ୍ତ ବାଟରେ ବିନା ହାସଲ କରାଯାଇପାରିବ ନାହିଁ । ତେଣୁ ଏବେ ଏମିତି ଏଆଇ ଆଧାରିତ ଆପଗୁଡ଼ିକୁ ଡିଜାଇନ କରାଯାଇଛି ଯାହା ମାଧ୍ୟମରେ ଲୋକମାନେ ଉପଯୁକ୍ତ ଡାଏଟ ଅନୁସରଣ କରି ଫିଟ ରହିପାରୁଛନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ତାଙ୍କର ଆବଶ୍ୟକ ମୁତାବକ ଡାଏଟ ଡାଉଗ୍ରାମ ଏଆଇ ଆଧାରିତ ଆପ ସାହାଯ୍ୟରେ ତିଆରି କରାଯାଉଛି ଏବଂ ସୁଜର୍ସଙ୍କୁ ଡାଏଟ ଆଧାରରେ ଉଚିତ ଟ୍ରାକରେ ରହିବାକୁ ସମୟ ସମୟରେ ମନେପକାଇବାର ନୋଟିଫିକେସନ ପଠାଉଛି ଉପଲୋଭାକୁ । ଏହି ଆପ୍ଲିକେସନ ପ୍ରତ୍ୟେକ ବ୍ୟକ୍ତିଙ୍କ ଫିଟନେସର ଅଗ୍ରଗତି ଉପରେ ନଜର ରଖିଥାଏ ଏବଂ ସେହି ଅନୁଯାୟୀ ପରାମର୍ଶ ଦେଇଥାଏ । ଏହି ଆପ ଗୁଡ଼ିକ ମେମିତି ଜାଣ କରେ ମେମିତି କୌଣସି ସ୍ୱାସ୍ଥ୍ୟ ପରାମର୍ଶଦାତା ପ୍ରତି ସମୟରେ ଆପଣାଙ୍କ ସହିତ ଥାଆନ୍ତି ।

ବର୍ତମାନ ପ୍ରଶ୍ନ ହେଉଛି ଡାଏଟ ଯୋଜନା ସହ ଜଡ଼ିତ ପରାମର୍ଶ ଦେବାର ଏହି ଟେକ୍ନୋଲୋଜି ଜେତେ ପ୍ରଭାବଶାଳୀ ? ଏହାକୁ ନେଇ ଏକ ଅନୁସନ୍ଧାନକାରୀ ଦଳ ଉପଲୋଭାକୁ ନେଇ ସର୍ଭେ କରିଥିଲେ । ପାଂଚଶହ ଉପଲୋଭାଙ୍କ ମଧ୍ୟରୁ ତିନିଜଣ ଏଥିରେ ସହମତ ହୋଇଥିଲେ ଯେ ଏହା ପ୍ରଭାବଶାଳୀ ହୋଇପାରେ । ବିଶେଷଜ୍ଞଙ୍କ କହିବା ଥିଲା ଏଆଇ ନା କେବଳ ସ୍ୱାସ୍ଥ୍ୟ ଆଚାରକୁ ନେଇ ପରାମର୍ଶ ଦେବାରେ ସାହାଯ୍ୟ କରେ ବରଂ ଏହା ମଧ୍ୟ କହିଥାଏ ଯେ କେଉଁ ଜିନିଷ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ଏବଂ କେଉଁ ଜିନିଷ ଖାଇବା ଉଚିତ ନୁହେଁ । ମେମିତି ଓଜନ କମ କରୁଥିବା ବ୍ୟକ୍ତି ଯଦି ଏଆଇ ଆଧାରିତ ଡାଏଟ ଆପର ସାହାଯ୍ୟ ନିଅନ୍ତି ତେବେ ସେଥିରେ ଏମିତି ଅନେକ ଖାଦ୍ୟପେୟକୁ ବର୍ଗୀକୃତ କରାଯାଇଥାଏ ଯାହା ଓଜନ କମ କରିବାରେ ସାହାଯ୍ୟ କରିବ । ମେମିତି ଯେଉଁମାନଙ୍କର ଏଲିଟିସ ଏବଂ ଅଲର୍ଜିକ ସମସ୍ୟା ଥାଏ ସେମାନେ ମଧ୍ୟ କେଉଁ ଡାଏଟ ଗ୍ରହଣ କରିବେ ଏହି ଏଆଇ ଆପ ଗୁଡ଼ିକରୁ ଜଣା ପଡ଼ିଥାଏ ।

ବର୍ତମାନ ସମୟରେ କୃତ୍ରିମ ବୁଦ୍ଧିମତା ଆମର ଜୀବନରେ ଏକ ଅମୂଲ୍ୟ ଉପକରଣ ରୂପେ ଉଭା ହୋଇଛି । ଏବେ ଅନେକ ଲୋକ ଏଆଇ ସଂଚାଳିତ ଡାଏଟ ଯୋଜନାରେ ନିଜକୁ ଖାପଖୁଆଇ ପାରିଛନ୍ତି । ଡାଏଟ ପାଇଁ ଡାଏଟିସିଆନଙ୍କ ଆପଗୁଡ଼ିକ ଆମକୁ ପରାମର୍ଶ ଦେଉଛି ଜ'ସେ ଖାଇବେ, କେଉଁଥିରେ ଅଧିକ ପୋଷକ ତତ୍ୱ ରହୁଛି, ଏମିତି କେତେ କଣ । ହେଲେ କେତେ ଆମ ମନକୁ ପ୍ରଶ୍ନ ଆସିଛି ବାସ୍ତବରେ କ'ଣ ଏଆଇ ଆଧାରିତ ଡାଏଟ ଆପ ଗୁଡ଼ିକ ଆମକୁ ଉଚିତ ପରାମର୍ଶ ଦେଇପାରୁଛନ୍ତି ? କିଛି ବିଶେଷଜ୍ଞଙ୍କ ମତରେ ଏହି ଆପ ଗୁଡ଼ିକର ଯେତିକି ଲାଭ ଅଛି ସେତିକି କ୍ଷତି ଅଛି । ଏହି ଏଆଇ ଆଧାରିତ ଆପ ଗୁଡ଼ିକରେ ମାନବିକ ହସ୍ତକ୍ଷେପ ଅଧିକ ଥାଏ । ଅର୍ଥାତ୍ ଆମେ ଏଥିରେ ଯାହା ତଥ୍ୟ ଦେଇଥାଏ ଏହା ସେହି ଆଧାରରେ ଆମର ଡାଏଟ ଯୋଜନା ପ୍ରସ୍ତୁତ କରିଥାଏ । ତାଠାରୁ ଅଧିକ କିଛି କରିବା ଏହା ପକ୍ଷେ ସମ୍ଭବ ନୁହେଁ । କାରଣ ଏହା ଆମର ଓଜନ, ଉଚ୍ଚତା, ପ୍ରତିଦିନର ଖାଦ୍ୟ ତାଲିକାକୁ ନେଇ ଡାଏଟ ପ୍ରସ୍ତୁତ କରିଥାଏ । ଯଦି ଏବୁଡେ ଆମେ ଭୁଲ ତଥ୍ୟ ଫିଡ କରିଥାଉ ଏହା ଆମକୁ ଭୁଲ ପରାମର୍ଶ ମଧ୍ୟ ଦେଇପାରେ ।

ତେଣୁ ଏହି ଏଆଇ ସଂଚାଳିତ ଆପ ଗୁଡ଼ିକ ଠାରୁ ପରାମର୍ଶ ନେଇବେକେ ଏଥିରେ ତାରା ଠିକ ବେରା ଉଚିତ । ଆହୁରି କିଛି ଡାଏଟିସିଆନଙ୍କ ମତରେ ବର୍ତମାନ ଅଧିକ ଯୁବପିଢ଼ି ଏହି ଆପ ଗୁଡ଼ିକ ଉପରେ ବେଶି ନିର୍ଭରଶୀଳ । କିନ୍ତୁ ଏଆଇ ଡାଏଟ ଚାଟ ବାସ୍ତବରେ ସେତିକି ପ୍ରଭାବୀ ହୋଇପାରେ ଯଦି ଏହାକୁ କଣେ ଠିକ ଭାବେ ଅନୁସରଣ କରିବ । ଅର୍ଥାତ୍ କଣେ ଡାଏଟିସିଆନ ଯେମିତି ଡାଏଟ ବିଷୟରେ ବିସ୍ତୃତ ଭାବେ କହିପାରନ୍ତି, ଏଥିରେ ସେମିତି ନଥାଏ । କୌଣସି ଡାଏଟକୁ କେମିତି ଅନୁସରଣ କରିବା କଥା, ଅଧିକ ମାତ୍ରାରେ କଲେ କଣ କ୍ଷତି ରହିଛି ଏସବୁ କେବଳ କଣେ ଡାଏଟିସିଆନଙ୍କ ପାଖରୁ ଜଣାପଡ଼େ । କିନ୍ତୁ ଏଆଇ ଆଧାରିତ ଡାଏଟ ଚାଟରେ ବିଭିନ୍ନ ପ୍ରକାର ଡାଏଟ ତାଲିକା ଥିଲେ ମଧ୍ୟ ଏହା କେବଳ ମାତ୍ର ଏଲ୍ଗ୍ରୀ ମାଧ୍ୟମରେ ପରାମର୍ଶ ଦେଇପାରେ । ତେବେ ପାକୃତି ବ୍ୟବସ୍ଥା ଅନୁଯାୟୀ ସ୍ୱିମ ମାଧ୍ୟମରେ ପରାମର୍ଶ ଦେଇପାରେ । ତେବେ ପାକୃତି ବ୍ୟବସ୍ଥା ସ୍ୱାସ୍ଥ୍ୟ ସଚେତନତା ଓ ଶରୀରକୁ ଫିଟ ରଖିବା ନିସିନ୍ତ ଭାବରେ ଉପାଯେୟ ।

ବାଳ ଶୁଶ୍ରୁଷା ବିଶେଷଜ୍ଞ, 'ଧ୍ୱନୀ' ଜାଠୋଲା ରୋଡ଼, ମାଳଜାବାଟ, କଟକ, ଦୂରଭାଷ : ୯୪୩୮୨୭୬୬୨୦

ବୟସ ହେଲେ କ'ଣ ମନେ ରହେ ନାହିଁ

॥ ପ୍ରଫେସର ଡାକ୍ତର ସମ୍ରାଟ କର ॥

ବହୁଦିନ ହେଲା ମୁଁ ମାମୁଁଘରକୁ ଯାଇ ନଥିଲି । ଏଥର ଖରା ଛୁଟିରେ ମୋର ମାମୁଁ ଘରକୁ ଯିବାକୁ ଭାରି ଇଚ୍ଛା ହେଲା । ମନେ ପଡ଼ିଗଲା ମୋର ପିଲାଦିନର କଥା । କେମିତି ରାତିରେ ଉଠି ଅଜାଙ୍କ ସାଙ୍ଗରେ ଆମ ଚୋତାକୁ ପାଚିଲା ଆମ ଗୋଟାଇବାକୁ ଯାଉଥିଲି । ମାମୁଁ ଓ ମାଉସାଙ୍କ ସାଥିରେ ମୁଗ ଦିଇକୁ ଯାଉଥିଲି । ପୋଖରୀରୁ ମାଛ ଧରାହେଲେ ଆଉ କେମିତି ଗରମ ଗରମ ଦୁଇ ମାଛରୁଲା ସହ ପଖାଳ ଭାର ବାଢ଼ି ଦେଉଥିଲା । ସେଇଥିପାଇଁ ମୋର ମାମୁଁ ଓ ମାଉସାଙ୍କ କଥା ଭାରି ମନେ ପଡ଼ିଲା । ମୁଁ ମାମୁଁଘରକୁ ଗଲି । ମୋତେ ଦେଖି ମାମୁଁ-ମାଇଁ, ଅଜା-ଆଇ ବହୁତ ଖୁସି ହୋଇଗଲେ । ତା'ପରେ ମୁଁ ସାନ ଅଜା-ଆଇଙ୍କୁ ଦେଖା କରିବାକୁ ଗଲି । ସାନ ଆଇ ମୋତେ କୁଆଳ ପକାଇଲେ । ପିଇାଦେଇ ସାନ ଅଜା ଓ ଆଇଙ୍କ ସହ ଭୁଲୁ ଓ ତାସ ଖେଳୁଥିଲି । ସେଇଥିପାଇଁ ମୁଁ ସାନ ଅଜାଙ୍କ ପାଖକୁ ବହଡିଗଲି । ହେଲେ ମୁଁ ଦେଖିଲି ସାନ ଅଜା ମୋତେ ଚାହିଁ ରହିଗଲେ । କିଛି ଦେଖି ନ ଦେଖିଲା ପରି ହେଲେ । ମୁଁ ଆଉକୁ ମଜାକରି ପଚାରିଲି, ତୁମ ଦୁଇଜଣଙ୍କ ଭିତରେ କଅଣ ମନୋମାଳିନ୍ୟ ହୋଇଛି ନା କ'ଣ ? ଅଜା କଅଣ ମୋତେ କିଛି କଥା କହୁ ନାଆନ୍ତି । ଚିନ୍ତି ନ ଚିନ୍ତିଲାପରି ହେଉଛନ୍ତି । ସାନଆଇ ମୋତେ କହିଲେ, ନାଇଁରେ ବାପା ଏଇ କେତେଦିନ ହେଲାଣି ଅନାଙ୍କ ଦେହଟା ଭଲ ରହୁନାହିଁ । ମୁଁ ପଚାରିଲି, ଅଜାଙ୍କର କଅଣ ହୋଇଛି ? ମୋତେ ତ ଆଗରୁ କିଛି କହିନ ? ସେ କହିଲେ ତତେ କଅଣ କହିବି ? ପ୍ରାୟ ବର୍ଷେ ହେଲାଣି ପ୍ରଥମେ ପ୍ରଥମେ ଟଙ୍କା କେଉଁଠି ରଖୁଥିଲେ, ତାହି କେଉଁଠି ରଖୁଥିଲେ ସବୁ ଭୁଲି ଯାଉଥିଲେ । ଏବେ କିନ୍ତୁ କଅଣ ଖାଇଛନ୍ତି କି ନାହିଁ ସେସବୁ କଥା ଭୁଲି ଯାଉଛନ୍ତି । ଏବେ ଆଉ ଠିକ୍ ରାବରେ କାହାକିକୁ ଚିହ୍ନି ପାରୁନାଛାନ୍ତି । ମୁଁ ଅଜାକୁ ଲକଲାବରେ ପଚାରୀ କରି ଦେଖିଲି । ଏହି ସମୟରେ ମୋ ମାମୁଁ ଆସି ପହଂଚିଗଲେ ।

ମାମୁଁକୁ ମୁଁ କହିଲି ବର୍ଷେ ହେଲାଣି ଅଜାଙ୍କର ଏମିତି ହେଲାଣି । ମୋତେ କାହିଁ ଆଜି ପର୍ଯ୍ୟନ୍ତ କହିନ । ଏଇ ରୋଗଟି ବାର୍ଦ୍ଧକ୍ୟଜନିତ ରୋଗ । ଏହାକୁ ଆଲଜିମର ରୋଗ କୁହନ୍ତି । ମାମୁଁ ପଚାରିଲେ ଏଇ ରୋଗଟା କଅଣ ? ମୁଁ କହିଲି ଏଇ ରୋଗଟା ପ୍ରାୟ ଲୋକଙ୍କୁ ୬୦ବର୍ଷ ପରେ ଆରମ୍ଭ ହୋଇଥାଏ । ଏହି ରୋଗରେ ପ୍ରଥମେ ପ୍ରଥମେ ମନେ ରଖିବା, ଭାବିବା ଶକ୍ତି କମିଯାଇଥାଏ । ଆସ୍ତେ ଆସ୍ତେ ଛୋଟ ଛୋଟ କାମ ଏପରିକି ନିତିଦିନିଆ କାମକୁ ମଧ୍ୟ ଭୁଲିଯାଇ ସେଇ କାମଟିକୁ ଠିକ୍ ଭାବରେ କରିପାରନ୍ତି ନାହିଁ । କ୍ରମଶଃ କଥାବାର୍ତା କରିବା ଓ ପୋଷାକପତ୍ର ପିନ୍ଧିବାରେ ମଧ୍ୟ ଅସୁବିଧା ହୋଇଥାଏ । ଏହା ମସ୍ତିଷ୍କର ଏକ ଜଟିଳ ପ୍ରକ୍ରିୟା ଯୋଗୁଁ ସ୍ନାୟୁ ନଷ୍ଟ ହେଲେ ଆରମ୍ଭ ହୋଇଥାଏ । ମାମୁଁ ପୁଣି ପଚାରିଲେ, ଏହି ରୋଗ ଆରମ୍ଭ ହୋଇଛି ବୋଲି ଆମେ କିପରି ଜାଣିବା ? ମୁଁ କହିଲି, ମାମୁଁ ଏହି ରୋଗର ପ୍ରଥମ ଲକ୍ଷଣ ହେଉଛି ଲୋକଟି ପ୍ରଥମେ ପ୍ରଥମେ ଛୋଟ ଛୋଟ କାମଗୁଡ଼ିକୁ ଯଥା : ଟଙ୍କା ପଇସା, ଚାବି କେଉଁଠି ରଖୁଛି ସେ ସବୁ କାମଗୁଡ଼ିକ ଭୁଲିଯାଏ । ଆସ୍ତେ ଆସ୍ତେ ନିଜଟରେ ଘଟିଥିବା ଘଟଣାଗୁଡ଼ିକୁ ମଧ୍ୟ ଲୋକଟି ଭୁଲିଯାଏ । ତା'ପରେ କ୍ରମଶଃ ନିଜର ଅନ୍ତରଙ୍ଗ ଲୋକମାନଙ୍କୁ ମଧ୍ୟ ଚିହ୍ନିପାରେ ନାହିଁ । ବାରମ୍ବାର ନିଜର ନିତିଦିନିଆ କାମରେ ବ୍ୟବଧାନ ହେଉଥିବା ଜିନିଷ ଯଥା, ଘଂଟା, ଚଷମା, ପାନିଆ ଇତ୍ୟାଦି ହେଉଁଠି ରଖେ ଭୁଲିଯାଏ । ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରେ । ନିଜର ନିତ୍ୟକର୍ମ ଯଥା : ଗାଧୋଇବା, ଖାଇବା ଇତ୍ୟାଦି ଠିକ୍ ଭାବରେ କରିପାରେ ନାହିଁ । କେଉଁ କେଉଁ ଦିନ ଡେରିରେ ମଧ୍ୟ କରେ । ଏହି ରୋଗ ବହୁଦିନ ଧରି ହେଲେ ସେ ଆଡୋ ମନେ ରଖୁପାରେ ନାହିଁ । ବାରମ୍ବାର ହୋଇ ଅଜାନତର କଥା କହିଥାଏ । ନୂଆ ଜିନିଷ, ନୂଆ କାମ କିଛି ବୁଝିପାରେ ନାହିଁ । ନିଜର ପୋଷାକ ନିଜେ ପିନ୍ଧିପାରେ ନାହିଁ । ଏପରି ଲୋକର ଦାୟିତ୍ୱ ନେବା ବହୁତ କଷ୍ଟ । ସେ ପ୍ରତିଦିନ ଏକ ନୂଆ ନୂଆ କଥା କହିବାକୁ ଚେଷ୍ଟା କରିବ । ଦିନକୁ ଦିନ ତା'ର କାଯକାର୍ଯ୍ୟ ମଧ୍ୟ ବଦଳୁଥିବ । ଦେଖୁନ ଏଇ ଯେମିତି ଆମ ସାନଅଜା ହେଇଛନ୍ତି । ମାମୁଁ କହିଲେ, ଏଇ ରୋଗ ପାଇଁ କଅଣ ଔଷଧ ନାହିଁ । ମୁଁ କହିଲି ପ୍ରଥମରୁ ଔଷଧ ଖାଇଥିଲେ ଅଜା ଟିକେ ଭଲ ହୋଇଯାଇଥାନ୍ତେ । ରୋଗଟା ବି ଟିକେ ପୁରୁଣା ହୋଇଗଲାଣି । ଏବେ ଔଷଧ ଖାଇଲେ ଆଉ ଆଗକୁ ବେଶି ଆଗେଇବ ନାହିଁ । କିନ୍ତୁ ତାଙ୍କର ଚିନ୍ତେ ଯତ୍ନ ନେବାକୁ ପଡ଼ିବ । ତାଙ୍କ ଉପରେ ଚିଡ଼ାଚିଡ଼ି ନକରି ଔଷଧ ଦେଲେ ହୁଏତ ସିଏ ପୁଣି ପୂର୍ବାବସ୍ଥା ଫେରିପାଇ ପାରନ୍ତି । ଏଥିପାଇଁ ଔଷଧ ଅଛି । ଔଷଧ ବ୍ୟତୀତ ପରିବାର ଲୋକଙ୍କ ଦାୟିତ୍ୱ ଅଧିକ । ଏପରି ରୋଗୀଙ୍କୁ ବଡ଼ ବଡ଼ ବାକ୍ୟ ନ କହି ଛୋଟ ଛୋଟ ଶବ୍ଦ, ଯେପରି ସେ ବୁଝିପାରିବେ ସେପରି କହିବା ଉଚିତ । ତାଙ୍କୁ ଏକ ପିରା ଭାବି ବ୍ୟବହାର କରିବା ଉଚିତ ନୁହେ

ସେଇଠାକୁ
ଆରମ୍ଭ
SEITHO ARAMBHA
ସୋମବାର, ୨ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୫





ଜାତୀୟ ରଗ୍‌ବୀ ପ୍ରତିଯୋଗିତାରେ ଓଡ଼ିଶାକୁ ରୌପ୍ୟ ପଦକ



ପାରଜାଖେମୁଣ୍ଡି, ୦୧/୧୧ (ଆ.ପ୍ର) : ୭୦ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା ରଗ୍‌ବୀ ବାଳକ ଅଣ୍ଡର-୧୪ ପ୍ରତିଯୋଗିତାରେ ଓଡ଼ିଶା ବଳ ରୌପ୍ୟ ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛି । ଅକ୍ଟୋବର ୨୩ ରୁ ୨୮ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଆୟୋଜିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ବଳ ଚଳ୍ଲିଶ ଖେଳ ପ୍ରଦର୍ଶନ କରି ପାଲାମାଲ୍‌ରେ ପହଂଚିଥିଲା । ପ୍ରତିଯୋଗିତାରେ ଓଡ଼ିଶା ବଳ ଉତରପ୍ରଦେଶ, ଗୁଜରାଟ ଓ ତେଲେଙ୍ଗାନାକୁ ସାମ୍ନା କରିବା ସହ ସେମିଫାଇନାଲ୍‌ରେ ବିଜୟ ସହ ମୁକାବିଲା କରିଥିଲା । ଖେଳରେ ବଳ ରୌପ୍ୟ ପଦକ ହାସଲ କରିଥିଲା । ଏହି ସଫଳତାରେ ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଜୀବାଳ ଅଷ୍ଟମ ଶ୍ରେଣୀର ଛୁଆ ଛାତ୍ର ଚିନ୍ନା ସବର ଓ ଭଲାର ସବର ଓଡ଼ିଶା ରାଜ୍ୟ ବଳରେ ପ୍ରଥମ ପାଛ ଉତ୍ତର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, "ଏହି ସଫଳତାରେ ଆତ୍ମସନ୍ତୁଷ୍ଟ ନ ହୋଇ ନିୟମିତ ଅଭ୍ୟାସ ଜାରି ରଖ । ଆହୁରି କଠିନ ପରିଶ୍ରମ ଓ ଦୃଢ଼ ମନୋବଳ ସହ ଖେଳ । ନିଶ୍ଚିତ ଭାବେ ଆଗାମୀ ଦିନରେ ସ୍ୱର୍ଣ୍ଣ ପଦକ ହାସଲ କରି ଚାମ୍ପିଅନ୍ ହେବ" । ଉଭୟ ଖେଳାଳିଙ୍କ ଏହି ସଫଳତାରେ ସେମାନଙ୍କ ଅଭିଭାବକ, ପ୍ରଶିକ୍ଷକ, ଶାଖାଗିକ ଶିକ୍ଷା ଶିକ୍ଷକ, ପ୍ରଧାନଶିକ୍ଷକ ଓ ଓଡ଼ିଶା ରଗ୍‌ବୀ ବଳକୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି । ଜାତୀୟ କ୍ରୀଡ଼ା ମାନଚିତ୍ରରେ ଗଜପତି ଜିଲ୍ଲାର ଏହି ସଫଳତା ଏକ ନୂତନ ଗୌରବମୟ ଅଧ୍ୟାୟ ଯୋଡ଼ିଛି ।

ନିଖୋଜ ବୃଦ୍ଧାଙ୍କ ଗଳିତ ଶବ ଉଦ୍ଧାର



ଖଣ୍ଡପଡ଼ା, ୦୧/୧୧ (ଆ.ପ୍ର) : ଖଣ୍ଡପଡ଼ା ସହର ୧୨ ନଂ ୱାର୍ଡ ଅଧୀନ ତିନିକନ ପାଟି ବାସିନ୍ଦା ଭଜନା ଖଟେଇ(୮୫)ଙ୍କ ନିଖୋଜ ନେଇ ପରିବାରବର୍ଗ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ୭ ଦିନ ପରେ ନିଖୋଜ ବୃଦ୍ଧାଙ୍କ ଗଳିତ ଶବ ଖଜଖଜା ଗ୍ରାମ ନିକଟରୁ ପରିବାର ଉଦ୍ଧାର କରାଯାଇଥିବା ଜଣାପଡିଛି । ସ୍ଥାନୀୟ ଅଂଚଳର ଜିଲ୍ଲି ଯୁବକ ଜନବସତି ଠାରୁ ଜିଲ୍ଲି ଦୂରରେ ବୃଦ୍ଧାଙ୍କ ମୃତ ଦେହ ପଡିଥିବା ନେଇ ଦେଖିବା ପରେ ଖଣ୍ଡପଡ଼ା ପୁଲିସକୁ ସଙ୍ଗେ ସଙ୍ଗେ ଖବର ଦେଇଥିଲେ । ଖବରପାଇ ପୁଲିସ ଘଟଣାସ୍ଥଳରେ ପହଂଚି ବୃଦ୍ଧାଙ୍କ ମୃତ ଦେହ ଉଦ୍ଧାର କରିବା ସହ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି । ଖଣ୍ଡପଡ଼ା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ କୃତିବାସ ହତିବନ୍ଧନଙ୍କ ଠାରୁ ପ୍ରକାଶ ।

ମାଟିତଳୁ ଉଦ୍ଧାର ହେଲା ବିରଂଚିଙ୍କ ଗଳିତ ମୃତଦେହ



ଦଶପଲ୍ଲା, ୦୧/୧୧ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ତୁମାଣ୍ଡି ପଂଚାୟତର କୁଟାବାଡି ଗ୍ରାମ ନିଜସ୍ୱ ତବାଖେଲ ନାଳରୁ ଜଣେ ବ୍ୟକ୍ତିଙ୍କ ପୋଡା ଯାଇଥିବା ଗଳିତ ମୃତଦେହକୁ ଉଦ୍ଧାର କରିଛି ପୁଲିସ । ମୃତକ ହେଲେ ତାଳଜଙ୍ଗ ପଂଚାୟତ ଅନ୍ତର୍ଗତ ଅସିନିଦେରେଣ୍ଡା ଗ୍ରାମର ୫୪ବର୍ଷୀୟ ବିରଂଚି ନାଏକ ।ସୂତ୍ରର ଅନୁଯାୟୀ, ଗତ ୨୯ ତାରିଖରେ ବିରଂଚି ତବାଖେଲ ନାଳ ଅଂଚଳରେ ଖୋଳାଖୋଜି କରିଥିଲେ । ଖୋଳାଖୋଜି ସମୟରେ ପ୍ରଥମେ ବିରଂଚିଙ୍କ ଦେହେଇାଙ୍କ ନିକଟକୁ ବଢ଼ନ୍ତ ବିଜୁଳି ବାହୁବଳେ ବଳେୟା ଟଙ୍କା ମାଗିବାକୁ ଯାଇଥିଲେ । ମାତ୍ର ଛେଚିବିଠାଉ ସେ ଆଉ ଘରକୁ ଫେରି ନଥିଲେ । ପରିବାର ଲୋକେ ବାର୍ତ୍ତା ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନଥିଲା । ପରେ ନାଳ ନିକଟରୁ ପୂର୍ତ୍ତଃ ବାଲୁକାସ୍ତୂପ ମାଟି ଖୋଳିବା ପରେ ସେଠାରେ ପୋତା ଯାଇଥିବା ବିରଂଚିଙ୍କ ଗଳିତ ମୃତଦେହ ଠାବ ହୋଇଥିଲା ।ଖବର ପାଇ ଦଶପଲ୍ଲା ପୁଲିସ ସାଂଘାତିକ ଟିମ୍ ସହ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଜଟକ ଏମ୍‌ଏମ୍‌ଟିକୁ ପଠାଯାଇଛି । ଅନ୍ୟପକ୍ଷରେ ଏହି ଘଟଣାରେ ସନ୍ଦେହ ଘେରରେ ଥିବା ରଞ୍ଜନ ଦେହେରା ଫେରାର ଥିବାବେଳେ ସନ୍ଦେହ ରେ ବୁଡ଼ ଜଣଙ୍କୁ ଅଟକ ରଖିଛି ପୋଲିସ । ତେବେ ଏହି ଘଟଣା ସହ ରଞ୍ଜନ ଦେହେରାର କୌଣସି ସଂଶ୍ରବ ଅଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ । ସମ୍ପୃକ୍ତ ଦିଗକୁ ଧ୍ୟାନରେ ରଖି ତଦନ୍ତ ଜାରି ରଖିଥିବା ଆମ ଅଧିକାରୀ ବିସ୍ତୃତ ରଞ୍ଜନ ପରିବା ପ୍ରକାଶ କରିଛନ୍ତି ।

ନୀଳକଣ୍ଠେଶ୍ୱର ମନ୍ଦିରରେ ବ୍ରାହ୍ମଣ ସମାଜର ନୂତନ ସଦସ୍ୟ ଚୟନ



ପାପଡ଼ାହାଣ୍ଡି, ୦୧/୧୧ (ଆ.ପ୍ର) : ପାପଡ଼ାହାଣ୍ଡି ବ୍ଲକ ବ୍ରାହ୍ମଣ ସମାଜର ଏକ ଦୈଠକ ଉଦିବାର ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମାଜର ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦୈଠକରେ ସଂଗଠନକୁ ଅଧିକ ସୁଦୃଢ଼ କରିବା, ସଦସ୍ୟମାନଙ୍କ ମଧ୍ୟରେ ଏକତା ଓ ସମନ୍ୱୟ ବୃଦ୍ଧି କରିବା ସହ ସମାଜର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା ହୋଇଥିଲା ।ଦୈଠକରେ ସଂଗଠନର କାର୍ଯ୍ୟକୁ ଆଗକୁ ନେବା ଏବଂ ସମାଜର ଉନ୍ନତି ପାଇଁ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗର ଆବଶ୍ୟକତା ଉପରେ ମତ ପ୍ରକାଶ ପାଇଥିଲା । ଏହି ଅବସରରେ ସଂଗଠନରେ କିଛି ନୂତନ ସଦସ୍ୟଙ୍କୁ ଚୟନ କରାଯାଇଥିଲା । ଦୈଠକରେ ସମ୍ପାଦକ ନିକଳଷ ତ୍ରିପାଠୀ, ଉପସଭାପତି ସୁରେଶ ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ସୁନିଲ କୁମାର ଜଂଟ ଓ କୋଷାଧ୍ୟକ୍ଷ ମନୋଜ କୁମାର ଉପାଧ୍ୟ ସମେତ ବ୍ରାହ୍ମଣ ସମାଜର ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ । ଦୈଠକର ଶେଷରେ ନୃସିଂହ ପ୍ରସାଦ ପାଢ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଉପସ୍ଥିତ ସମସ୍ତ ସଦସ୍ୟଙ୍କ ପାଇଁ ରୋଜନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

ଚୁଡୁଙ୍ଗପୁର ଗ୍ରାମର ମୌଳିକ ସମସ୍ୟା ନେଇ ବିଧାୟକଙ୍କ ଦ୍ୱାରସ୍ଥ ହେଲେ ସରପଂଚ ଓ ଗ୍ରାମବାସୀ



ପାରଜାଖେମୁଣ୍ଡି, ୦୧/୧୧ (ଆ.ପ୍ର) : ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ବୁହୁଦ୍ପୁର ଗ୍ରାମର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ଆଜି ସ୍ଥାନୀୟ ସରପଂଚ ଅଞ୍ଚଳ ପାତ୍ରଙ୍କ ନେତୃତ୍ୱରେ ଗ୍ରାମବାସୀ ବିଧାୟକଙ୍କ କାର୍ଯ୍ୟାଳୟରେ ପହଂଚି ନିଜ ଅଂଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି । ଗ୍ରାମରେ ବାର୍ଘଡିକି ଧରି ରହିଥିବା ଡ୍ରେନ୍ ନିର୍ମାଣ , ଏକ ଗୋଷ୍ଠାଗୃହ ନିର୍ମାଣ ଏବଂ ବିଦ୍ୟୁତ୍ ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା କରିବା ନେଇ ସେମାନେ ବିଧାୟକଙ୍କ ନିକଟରେ ଦାବି ଜଣାଇଥିଲେ । ଗ୍ରାମାଂଚଳର ବିକାଶ ସହ ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଉକ୍ତ କାର୍ଯ୍ୟଗୁଡ଼ିକର ତୁରନ୍ତ ଆରମ୍ଭକରା ଦରିଥିବା ସରପଂଚ ଓ ଗ୍ରାମବାସୀ ମତ ପ୍ରକାଶ କରିଥିଲେ । ଏଥିସହ ଦାବିଗୁଡ଼ିକୁ ଗୁରୁତ୍ୱ ଦେଇ ଶୀଘ୍ର ଆବଶ୍ୟକୀୟ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେବାକୁ ବିଧାୟକଙ୍କୁ ଅନୁରୋଧ କରିଥିଲେ । ବିଧାୟକଙ୍କ ନିକଟରେ ନିଜ ଅଂଚଳର ସମସ୍ୟା ଓ ଦାବି ଉପସ୍ଥାପନ କରିବା ପରେ ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟ ଶୀଘ୍ର ଆରମ୍ଭକରା ହୋଇ ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି ।

ଶ୍ରୀମନ୍ଦିରରେ କାର୍ଯ୍ୟରତ ସମସ୍ତ ପୋଲିସ କର୍ମଚାରୀଙ୍କ ପାଇଁ ନାମ ଫଳକ ବାଧ୍ୟତାମୂଳକ କରାଯାଉ

ପୁରୀ, ୦୧/୧୧ (ଆ.ପ୍ର) : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ କାର୍ଯ୍ୟରତ ସମସ୍ତ ଜଗନ୍ନାଥ ଟେମ୍ପୁଲ ପୋଲିସ (ଖିଣ୍ଡତ) ଏବଂ ଓଡ଼ିଶା ପୋଲିସ କର୍ମଚାରୀ ପାଇଁ ନାମ ଫଳକ ପିନ୍ଧିବା ବାଧ୍ୟତାମୂଳକ କରାଯିବାକୁ ସାଧାରଣରେ ଦାବି ଉଠିଛି । ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ଦର୍ଶନ ପାଇଁ ଆସୁଥିବାବେଳେ ସେମାନଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଓ ଶିଡ଼ ନିୟନ୍ତ୍ରଣରେ ପୋଲିସ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏପରି ସ୍ଥିତିରେ ଶ୍ରୀମନ୍ଦିର ଭିତରେ କାର୍ଯ୍ୟରତ ପ୍ରତ୍ୟେକ ପୋଲିସ କର୍ମଚାରୀଙ୍କ ପୋଷାକରେ ସ୍ପଷ୍ଟ ଭାବେ ନାମ ଫଳକ ରହିଲେ ଭକ୍ତମାନେ ସମ୍ପୃକ୍ତ କର୍ମଚାରୀଙ୍କୁ ସହଜରେ ଚିହ୍ନିପାରିବେ । ଯୁନିଫର୍ମ କେବଳ ପୋଷାକରେ ସୀମିତ ନୁହେଁ, ଏହା ସହିତ ନାମ ଫଳକ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ନାମ ଫଳକ ଦ୍ୱାରା ବ୍ୟକ୍ତିଙ୍କ ପରିଚୟ ସହଜରେ ଜଣାପଡ଼ିଥାଏ ଏବଂ ଶୃଙ୍ଖଳା, ଦାୟିତ୍ୱବୋଧ ଓ ଦୃଢ଼ିଗତ ଆଚରଣର ପରିବେଶ ନିର୍ମିତ ହୋଇଥାଏ । ତେଣୁ ୟୁନିଫର୍ମ ପିନ୍ଧିବା ସମୟରେ ନାମ ଫଳକକୁ ମଧ୍ୟ ନିୟମ ଅନୁଯାୟୀ ପିନ୍ଧିବା ଅତ୍ୟନ୍ତ ଜରୁରୀ । ଏହାଦ୍ୱାରା ଭକ୍ତମାନଙ୍କ ଅଭିଯୋଗ ଜଣାଇବାରେ ସୁବିଧା ହୋଇଥିବା ସହ ପୋଲିସ କର୍ମଚାରୀଙ୍କ ଦାୟିତ୍ୱ ବୃଦ୍ଧି ପାଇପାରିବ । ତେଣୁ ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ବିଭାଗ ଏହି ଦାବି ଉପରେ ଗୁରୁତ୍ୱ ଦେଇ ଶ୍ରୀମନ୍ଦିରରେ କାର୍ଯ୍ୟରତ ସମସ୍ତ ଜଗନ୍ନାଥ ଟେମ୍ପୁଲ ପୋଲିସ ଏବଂ ଓଡ଼ିଶା ପୋଲିସ କର୍ମଚାରୀଙ୍କ ପାଇଁ ନାମ ଫଳକ ବାଧ୍ୟତାମୂଳକ କରିବାକୁ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି ।

ନୂଆପଡ଼ାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



ନୂଆପଡ଼ା, ୦୧/୧୧ (ଆ.ପ୍ର) : ଦୁର୍ନୀତିମୁକ୍ତ ସମାଜ ଗଠନ ସହ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ସାଧୁତା ଓ ଦାୟିତ୍ୱବୋଧ ବୃଦ୍ଧି ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ଶାଖାର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାରେ ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟି ସହ ସାଧୁତା ଓ ନୈତିକତାର ବାର୍ତ୍ତା ପ୍ରଚାର କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଓ ଏକତା ପଦଯାତ୍ରା ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ ସାମିଲ ହୋଇ ଦୁର୍ନୀତି ବିରୋଧୀ ସଚେତନତାର ବାର୍ତ୍ତା ଦେଇଥିଲେ । ପରେ ସ୍ଥାନୀୟ ସଦ୍ ?ଭାବନା ସଭାଗୃହରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଅତିରିକ୍ତ ଜିଲ୍ଲାପାଳ ସୁରଥ ଚନ୍ଦ୍ର ରଉତ ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ଦେହୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସଞ୍ଚାଳିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜିତ କୁମାର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ଦ୍ଦେଶୀ ଅଧିକାରୀ ଲକ୍ଷ୍ମୀଧର ଧରୁଆ, ଉପଜିଲ୍ଲାପାଳ ସୁମିସ୍ମେତା, ଦୁର୍ନୀତି ନିବାରଣ ବିଭାଗର ଉପ-ଆରକ୍ଷୀ ଅଧୀକ୍ଷକ ବାଦବନ୍ଧୁ ବେହେରା, ଏଡ଼ିସିପିଓ ଶାଶୀଶେଖର ସାହୁ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ୟାମାଶ୍ରି ରୋଉ, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ ମହାନ୍ତି, ଜିଲ୍ଲା ଢାଡ଼ା ଅଧିକାରୀ ରାଜେନ୍ଦ୍ର ବଢ଼େଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଏବଂ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ସୁନୀଲ କୁମାର ମଲ୍ଲିକ ପ୍ରମୁଖ ମଂଚାସୀନ ଥିଲେ ।

କୋରାପୁଟ ଜିଲ୍ଲାର ୬୭ ଜଣଙ୍କୁ ମିଳିଲା ନିଯୁକ୍ତିପତ୍ର ଜନଜାତି ଅଂଚଳରେ ଶିକ୍ଷାର ମାନ ବୃଦ୍ଧିକୁ ମିଳିବ ପ୍ରୋତ୍ସାହନ



କୋରାପୁଟ, ୦୧/୧୧ (ଆ.ପ୍ର) : ରାଜ୍ୟସରକାର ନିଯୁକ୍ତି ମେନା ଅଦସରରେ କୋରାପୁଟ ଜିଲ୍ଲାର ୬୭ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ସେବକ, ସେବିକା ଏବଂ ଜନଜାତି ଭାଷା ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାବେ ସେମାନେ ନିଯୁକ୍ତି ପାଇଛନ୍ତି । ଏଥିସହ ରାଜ୍ୟସ୍ତରରେ ଅନ୍ୟ ୫୫ ଜଣଙ୍କୁ ମଧ୍ୟ ନିଯୁକ୍ତିପତ୍ର ମିଳିଛି । କୋରାପୁଟସ୍ଥିତ ସତ୍ ?ଭାବନା ସଭାଗୃହରେ ଆୟୋଜିତ ନିଯୁକ୍ତିପତ୍ର ବିତରଣ ସମାରୋହରେ ଜିଲ୍ଲାପାଳ ମନୋଜ ସତ୍ୟପ୍ରିୟ ମହାଳନ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସପ୍ତିତା ମୋଲେଙ୍ଗା ଯୋଗଦେଇ ନବନିଯୁକ୍ତ କର୍ମଚାରୀମାନଙ୍କୁ ନିଯୁକ୍ତିପତ୍ର ହସ୍ତାନ୍ତର କରିଥିଲେ । ଏହି ଅବସରରେ ଏସ୍‌ଡିସି ଉପାଧ୍ୟକ୍ଷା ସୁଜାନି ମାଝୀ, ପିଏ ଆଇଟିଡିଏ ସ୍ପେସ୍‌ଫିସ୍ଟ ମାଝୀ ଏବଂ ଏଡିଡବ୍ଲୁଓ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ନିଯୁକ୍ତି ଦ୍ୱାରା ଜିଲ୍ଲାର ଆଦିବାସୀ ଅଧୁଷିତ ଅଂଚଳରେ ଶିକ୍ଷାଦାନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ମାତୃଭାଷା ଭିତିକ ଶିକ୍ଷାକୁ ନୂତନ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଇଛି । ବିଶେଷକରି ଜନଜାତି ଛାତ୍ରଛାତ୍ରୀ ନିଜ ମାତୃଭାଷାରେ ପାଠପଢ଼ିବାର ସୁଯୋଗ ପାଇବା ସହ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିରେ ଏହି ନିଯୁକ୍ତି ସହାୟକ ହେବ ।

ଜାତୀୟ ଏକତା ଦିବସରେ ଗୁଣ୍ଡୁପୁର ପୋଲିସର 'ୟୁନିଟି ରନ୍'



ଗୁଣ୍ଡୁପୁର, ୦୧/୧୧ (ଆ.ପ୍ର) : ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ପ୍ରସାର ଉଦ୍ଦେଶ୍ୟରେ ଗୁଣ୍ଡୁପୁର ପୋଲିସ ପକ୍ଷରୁ ଶନିବାର ସକାଳେ ଏକ ମିନି ମାରାଥନ୍ 'ୟୁନିଟି ରନ୍' ଆୟୋଜିତ ହୋଇଥିଲା । ଲୋକମାନ୍ୟ ସର୍ବାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣ୍ଡୁପୁର କଲେଜର ଛାତ୍ରଛାତ୍ରୀଙ୍କ ସମେତ ବହୁ ସ୍ଥାନୀୟ ଯୁବକଯୁବତୀ ଅଂଶଗ୍ରହଣ କରିଥିଲେ । ସକାଳ ୮ଟାରେ ଆରମ୍ଭ ହୋଇଥିବା ଏହି ଦୌଡ଼ରେ ପ୍ରତିଯୋଗୀମାନେ ଉତ୍ସାହର ସହ ଭାଗ ନେଇ ଏକତା, ଶୃଙ୍ଖଳା ଓ ଦେଶପ୍ରେମର ବାର୍ତ୍ତା ଦେଇଥିଲେ । ପ୍ରତିଯୋଗିତା ଶେଷରେ ବାଳକ ଓ ବାଳିକା ବିଭାଗର ପ୍ରଥମ ତିନି ଜଣ ଲେଖାଏଁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବାଳକ ବିଭାଗରେ ଚିଂତୁ ସବର ପ୍ରଥମ, ମହେଶ ସବର ଦ୍ୱିତୀୟ ଏବଂ ଆର. ଜୋଷ୍ତକ ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ବାଳିକା ବିଭାଗରେ ଗାୟତ୍ରୀ ସବର ପ୍ରଥମ, ସାମାଡ଼ୀ ସାମା ଦେଓ୍ୟୁ ଦ୍ୱିତୀୟ ଏବଂ ଦାସ୍ମିମୟୀ ସବର ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମରେ ଗୁଣ୍ଡୁପୁର ଥାନା ଆଇଆଇସି କମଳକାନ୍ତ କଦିର, ଏଏସ୍‌ଡିପିଓ ବାବୁଲି ନାୟକଙ୍କ ସମେତ ପୋଲିସ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏଥିରେ ତୃତୀୟ ଏସ୍‌ଏସ୍‌ଡିଏନ୍‌ର ହାତିଲବାର ସନ୍ତୋଷ କୁମାର ପ୍ରଧାନ ମଧ୍ୟ ଯୋଗ ଦେଇଥିଲେ । ସର୍ବାର ପଟେଲଙ୍କ ଏକତା ଓ ଅଖଣ୍ଡତାର ଆଦର୍ଶକୁ ସ୍ମରଣ କରିବା ସହ ୟୁତପିଡ଼ିଙ୍କ ମଧ୍ୟରେ ଦେଶପ୍ରେମ, ସାମାଜିକ ସଚେତନତା ଓ ଶାରୀରିକ ସୁସ୍ଥତାର ମହତ୍ୱ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା ।

ଲକ୍ଷ୍ମୀ ବିକାଶ ଶିକ୍ଷାନୁଷ୍ଠାନ ତରଫରୁ ଜାତୀୟ ଏକତା ଦିବସ ରେଲି ଆୟୋଜିତ



ଜଳାନ୍ତି, ୦୧/୧୧ (ଆ.ପ୍ର) : ଲକ୍ଷ୍ମୀ ବିକାଶ ଶିକ୍ଷାନୁଷ୍ଠାନ ତରଫରୁ "ଗାନ୍ଧୀୟ ଏକତା ଦିବସ" ପାଳନ ଅବସରରେ "ଜାତୀୟ ଏକତା ଦିବସ" ରେଲି ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜଳାନ୍ତୀପାଟଣା ସହର ସ୍ଥିତ ନକଟିଗୁଡ଼ା ଆମେବଳର ବ୍ଲକ ଠାରୁ ଆରମ୍ଭ ହୋଇ ବାଜାଜି ମନ୍ଦିର, ବସଷ୍ଟାଣ୍ଡ, ଘୋଡାଘାଟ ବ୍ଲକ ମଧ୍ୟଦେଇ ଶେଷରେ ଗାନ୍ଧୀ ବ୍ଲକ ଠାରେ ସମ୍ମିଳିତ ହୋଇ ଥିଲା । ପ୍ରାରମ୍ଭରେ ଜିଲ୍ଲା



ଆରମ୍ଭ

SEITHO ARAMBHA



ସୋମବାର, ୨ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୬

ଭବାନୀପାଟଣା ଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୬ ପାଳନ



କଳାହାଣ୍ଡି, ୦୧/୧୧ (ଆ.ପ୍ର) : ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସଚ୍ଚିନ୍ଦନୀ ଗୃହରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ପାଣ୍ଡୁର ସଚିନ ପ୍ରକାଶ,ସଂଯୋଜକ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଜୟ କୁମାର ଜଗ୍ଗି, ସହାୟକ ଜିଲ୍ଲାପାଳ (ସାଧାରଣ) ଜନ୍ମ୍ୟ କୁମାର ଦରାଖନ, ଏବଂ ମୁଖ୍ୟବକ୍ତା ରୂପେ ଡ ଉମେଶ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ । ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ଦେବେରା ସମସ୍ତଙ୍କୁ ସ୍ୱାଗତ କରି ଦିବସ ପାଳନ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ଡି ଏସ ପି ଜିଜିଲାଲ୍ ପ୍ରଧାପ କୁମାର ଆଇଚ ଦୁର୍ନୀତି ନିବାରଣ କଳାହାଣ୍ଡି ଶାଖା ତରଫରୁ ଗତ ୨୬ ତାରିଖ ରୁ ଚାଲିଥିବା ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ ସହ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳଙ୍କ ନେତୃତ୍ୱରେ ସମସ୍ତେ ଦୁର୍ନୀତି ର ମୂଲୋତ୍ପାଟନ ନିମନ୍ତେ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରିଥିଲେ । ସଭାରେ ସମସ୍ତ କର୍ମଚାରୀମାନଙ୍କୁ ବୃତିଗତ ଓ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା, ଅସଦ ଉପାୟରେ ଧନ ଅର୍জ୍ଜନ କରିବାକୁ ବର୍জ୍ଜନ,ଆଜନ ଶାସନକୁ ଅନୁପାଳନ,ନିଜର ଦାୟିତ୍ୱ କୁ ସାଧୁତା ଓ ସ୍ୱଚ୍ଛତା ସହ ସମ୍ପାଦନା କରିବା, ଉତ୍କୋଚ ଗ୍ରହଣ ନ କରିବା ଏବଂ ନ ଦେବା, ଜନସାଧାରଣଙ୍କ ହିତ ପାଇଁ ସେବା ମନୋବୃତି ନେଇ କାର୍ଯ୍ୟ କରିବାକୁ ମଧ୍ୟ ପ୍ରକାଶ ପାଇଥିଲା । ମୁଖ୍ୟ ଅତିଥି,ମୁଖ୍ୟ ବକ୍ତା ଓ ଅନ୍ୟ ଅତିଥି ମାନେ ନିଜ ବକ୍ତବ୍ୟ ରେ ଲାଂଚ ଦେଇ ଶୀର୍ଷ ଚାଲିଥିବା ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ ସହ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳଙ୍କ ସଚ୍ଚିନ୍ଦନୀ ଗୃହରେ ସମସ୍ତେ ଦୁର୍ନୀତି ର ମୂଲୋତ୍ପାଟନ ନିମନ୍ତେ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରିଥିଲେ । ସଭାରେ ସମସ୍ତ କର୍ମଚାରୀମାନଙ୍କୁ ବୃତିଗତ ଓ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା, ଅସଦ ଉପାୟରେ ଧନ ଅର୍জ୍ଜନ କରିବାକୁ ବର୍জ୍ଜନ,ଆଜନ ଶାସନକୁ ଅନୁପାଳନ,ନିଜର ଦାୟିତ୍ୱ କୁ ସାଧୁତା ଓ ସ୍ୱଚ୍ଛତା ସହ ସମ୍ପାଦନା କରିବା, ଉତ୍କୋଚ ଗ୍ରହଣ ନ କରିବା ଏବଂ ନ ଦେବା, ଜନସାଧାରଣଙ୍କ ହିତ ପାଇଁ ସେବା ମନୋବୃତି ନେଇ କାର୍ଯ୍ୟ କରିବାକୁ ମଧ୍ୟ ପ୍ରକାଶ ପାଇଥିଲା । ମୁଖ୍ୟ ଅତିଥି,ମୁଖ୍ୟ ବକ୍ତା ଓ ଅନ୍ୟ ଅତିଥି ମାନେ ନିଜ ବକ୍ତବ୍ୟ ରେ ଲାଂଚ ଦେଇ ଶୀର୍ଷ ଚାଲିଥିବା ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ ସହ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳଙ୍କ ନେତୃତ୍ୱରେ ସମସ୍ତେ ଦୁର୍ନୀତି ର ମୂଲୋତ୍ପାଟନ ନିମନ୍ତେ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରିଥିଲେ । ସଭାରେ ସମସ୍ତ କର୍ମଚାରୀମାନଙ୍କୁ ବୃତିଗତ ଓ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା, ଅସଦ ଉପାୟରେ ଧନ ଅର୍জ୍ଜନ କରିବାକୁ ବର୍জ୍ଜନ,ଆଜନ ଶାସନକୁ ଅନୁପାଳନ,ନିଜର ଦାୟିତ୍ୱ କୁ ସାଧୁତା ଓ ସ୍ୱଚ୍ଛତା ସହ ସମ୍ପାଦନା କରିବା, ଉତ୍କୋଚ ଗ୍ରହଣ ନ କରିବା ଏବଂ ନ ଦେବା, ଜନସାଧାରଣଙ୍କ ହିତ ପାଇଁ ସେବା ମନୋବୃତି ନେଇ କାର୍ଯ୍ୟ କରିବାକୁ ମଧ୍ୟ ପ୍ରକାଶ ପାଇଥିଲା । ଡି ଏସ ପି ଜିଜିଲାଲ୍ ପ୍ରଧାପ କୁମାର ଆଇଚ ଦୁର୍ନୀତି ନିବାରଣ କଳାହାଣ୍ଡି ଶାଖା ତରଫରୁ ଗତ ୨୬ ତାରିଖ ରୁ



ସୀମାନ୍ତରୁ ଆରମ୍ଭ

SEITHO ARAMBHA



ସୋମବାର, ୨ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୭

ଧୁମ୍‌ଧାମରେ ପାଳିତ ହେଲା ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬'



ଦଣ୍ଡପଲ୍ଲୀ, ୦୧/୧୧ (ଆ.ପ୍ର.): ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅବସରରେ ଶନିବାର ଫିଏଙ୍ଗୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଉଠିଥିଲା । ନୃତ୍ୟ, ସଙ୍ଗୀତ, ନାଟକ ଓ ବିଭିନ୍ନ ସାଂସ୍କୃତିକ ପରିବେଷଣ ମଧ୍ୟରେ ମହୋତ୍ସବଟି ମହାଆଡ଼ମ୍ବରରେ ପାଳିତ ହୋଇଥିଲା । ଚଳିତ ବର୍ଷ ମହୋତ୍ସବର ବିଷୟବସ୍ତୁ 'ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା' ଉପରେ ଆଧାରିତ ହୋଇଥିବାରୁ ସେଥିରେ ଓଡ଼ିଆ ଭାଷା, ସଂସ୍କୃତି ଓ ଉଜ୍ଜ୍ୱିଳ ଅତୀତ ପ୍ରତି ନୂତନ ଚେତନା ଓ ଦେଶପ୍ରେମର ଭାବନା ଜାଗ୍ରତ କରିଥିଲା । ଆୟୋଜିତ ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ମଞ୍ଚକ ଶିକ୍ଷା ଅଧିକାରୀ ଉଲ୍ଲି ବିନୋଦ ଶବର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ସହିତ ଶିକ୍ଷୟିତ୍ରୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆୟୋଜିତ ଉତ୍ସବାତନୀ ଉତ୍ସବରେ ଏନ୍‌ଏସ୍ ଅଧିକାରୀ ପୂନମ ପ୍ରିୟଦର୍ଶିନୀ, କ୍ଲବ ଅଧିକାରୀ ପୂନମ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଏବିଇଓ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଭାଗନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ସେହିଭଳି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗାତାଞ୍ଜଳି ସାହୁ ଯୋଗଦେଇଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଅତିନାଶ ମହାନ୍ତି ଓ ସାଂସଦଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସୂର୍ଯ୍ୟମଣି ମହାପାତ୍ର ମଂଚ ପରିଚାଳନା କରିଥିବା ବେଳେ ତିମ୍ମେଶ୍ୱର ଦେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ । ସେମାନଙ୍କ ମଧ୍ୟରେ ଜନ୍ମ ନେଇଥିବା ସୃଜ୍ଜ ଆଗାମୀ ଓଡ଼ିଶାର ଗାତ୍ୟ ଓ ଭବିଷ୍ୟତ ଗଢ଼ିବ । ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା, ଉଦ୍ୟମ ଓ ଦକ୍ଷତାର ପ୍ରଶଂସା କରି ସେମାନଙ୍କୁ ଭବିଷ୍ୟତର ଆଲୋକବାହକ ଭାବେ ଅଭିହିତ କରିଥିଲେ ।ମହୋତ୍ସବରେ ନୃତ୍ୟ, ସଙ୍ଗୀତ, ନାଟକ, ଅଭିନୟକ୍ଷ, ଚିତ୍ରାଙ୍କନ ସମେତ ବିଭିନ୍ନ ପ୍ରକାରର ସୃଜନଶୀଳ ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରିଚାଳନା କମିଟିର ସଭାପତି ସନ୍ତୋଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସୂର୍ଯ୍ୟମଣି ମହାପାତ୍ର ମଂଚ ପରିଚାଳନା କରିଥିବା ବେଳେ ତିମ୍ମେଶ୍ୱର ଦେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ । ସେମାନଙ୍କ ମଧ୍ୟରେ ଜନ୍ମ ନେଇଥିବା ସୃଜ୍ଜ ଆଗାମୀ ଓଡ଼ିଶାର ଗାତ୍ୟ ଓ ଭବିଷ୍ୟତ ଗଢ଼ିବ । ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା, ଉଦ୍ୟମ ଓ ଦକ୍ଷତାର ପ୍ରଶଂସା କରି ସେମାନଙ୍କୁ ଭବିଷ୍ୟତର ଆଲୋକବାହକ ଭାବେ ଅଭିହିତ କରିଥିଲେ ।ମହୋତ୍ସବରେ ନୃତ୍ୟ, ସଙ୍ଗୀତ, ନାଟକ, ଅଭିନୟକ୍ଷ, ଚିତ୍ରାଙ୍କନ ସମେତ ବିଭିନ୍ନ ପ୍ରକାରର ସୃଜନଶୀଳ ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଭାଗନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ସେହିଭଳି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗାତାଞ୍ଜଳି ସାହୁ ଯୋଗଦେଇଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଅତିନାଶ ମହାନ୍ତି ଓ ସାଂସଦଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସୂର୍ଯ୍ୟମଣି ମହାପାତ୍ର ମଂଚ ପରିଚାଳନା କରିଥିବା ବେଳେ ତିମ୍ମେଶ୍ୱର ଦେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ । ସେମାନଙ୍କ ମଧ୍ୟରେ ଜନ୍ମ ନେଇଥିବା ସୃଜ୍ଜ ଆଗାମୀ ଓଡ଼ିଶାର ଗାତ୍ୟ ଓ ଭବିଷ୍ୟତ ଗଢ଼ିବ । ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା, ଉଦ୍ୟମ ଓ ଦକ୍ଷତାର ପ୍ରଶଂସା କରି ସେମାନଙ୍କୁ ଭବିଷ୍ୟତର ଆଲୋକବାହକ ଭାବେ ଅଭିହିତ କରିଥିଲେ ।ମହୋତ୍ସବରେ ନୃତ୍ୟ, ସଙ୍ଗୀତ, ନାଟକ, ଅଭିନୟକ୍ଷ, ଚିତ୍ରାଙ୍କନ ସମେତ ବିଭିନ୍ନ ପ୍ରକାରର ସୃଜନଶୀଳ ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଭାଗନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ସେହିଭଳି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗାତାଞ୍ଜଳି ସାହୁ ଯୋଗଦେଇଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଅତିନାଶ ମହାନ୍ତି ଓ ସାଂସଦଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସୂର୍ଯ୍ୟମଣି ମହାପାତ୍ର ମଂଚ ପରିଚାଳନା କରିଥିବା ବେଳେ ତିମ୍ମେଶ୍ୱର ଦେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଧିଷ୍ଠିର ଜଙ୍ଗଡ଼ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ମହାନ୍ତି



ଶୀର୍ଷକୁ ଆରମ୍ଭ
SEITHO ARAMBHA

ସୋମବାର, ୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮



୩୪ତମ ଏକଲବ୍ୟ ପୁରସ୍କାର: ସୁନେଲିତା ଟପ୍ପୋ ବିଜେତା



ଭୁବନେଶ୍ୱର, ୧/୧୧ (ଆ.ପ୍ର) : ଓଡ଼ିଶାର ଅସାଧାରଣ କ୍ରୀଡ଼ା ପ୍ରତିଭାକୁ ସ୍ୱୀକୃତି ଦେଇ ଜଣେ ଖେଳାଳି ସୁନେଲିତା ଟପ୍ପୋଙ୍କୁ ପ୍ରତିଷ୍ଠିତ ୩୪ତମ ଏକଲବ୍ୟ ପୁରସ୍କାର ୨୦୨୬ ପାଇଁ ମନୋନୀତ କ ର । ଯା । ଇ ଛି । ଭୁବନେଶ୍ୱରରେ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ କୁରୀ ସଦସ୍ୟମାନଙ୍କୁ ନେଇ ଗଠିତ ଏକଲବ୍ୟ ପୁରସ୍କାର କମିଟି ଦ୍ୱାରା ଏହି ନିଷ୍ପତ୍ତି ସର୍ବସମ୍ମତି କ୍ରମେ ନିଆଯାଇଛି । ଲାଞ୍ଜିଆନ୍ ମେଟାଲ୍ ପବ୍ଲିକ୍ ଚାରିଟେବୁଲ୍ ଟ୍ରଷ୍ଟ (ଲମ୍ପାଟ୍ଟ) ଦ୍ୱାରା ପ୍ରତିଷ୍ଠିତ ଏବଂ ଲାଉଡର ସର୍ବବୃହତ ପେଟ୍ରୋ କ୍ରୋମ୍ ଉତ୍ପାଦନକାରୀ କମ୍ପାନି ଲାଞ୍ଜିଆନ୍ ମେଟାଲ୍ସ ଆଲୟ ଲିମିଟେଡ୍ (ଲମ୍ପା) ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯିବ । ଜଣେ ଉତ୍କର୍ଷମାନ ପ୍ରତିଭା ସୁନେଲିତା ଟପ୍ପୋ କ୍ରୀଡ଼ାରେ ତାଙ୍କର ଅସାଧାରଣ ପ୍ରଦର୍ଶନ ଏବଂ ସଫଳତା ପାଇଁ ଏହି ସ୍ୱୀକୃତି ଲାଭ କରିଛନ୍ତି । ଏହି ପୁରସ୍କାର ବାବଦରେ ୬ ଲକ୍ଷ ଟଙ୍କାର ନଗଦ ସାହାଯ୍ୟ ସହ ଏକ ଟ୍ରଫି ପ୍ରଦାନ କରାଯିବ, ଯାହା ପରବର୍ତ୍ତୀ ସମୟରେ ଅନୁଷ୍ଠିତ ହେବାକୁ ଥିବା ଏକଲବ୍ୟ ପୁରସ୍କାର ପ୍ରଦାନ ସମାରୋହରେ ପ୍ରଦାନ କରାଯିବ । ଏଆଡ଼ୁଡାତ ଛକି ଖେଳାଳି ଅମନଦୀପ ଲାକ୍ରା ଏବଂ ବ୍ୟାଡମିଣ୍ଟନ ଖେଳାଳି ତନଲା ପାତ୍ରୀ ଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପ୍ରଶସ୍ତିପତ୍ର ପୁରସ୍କାର ପାଇଁ ମନୋନୀତ କରାଯାଇଛି । ପ୍ରତ୍ୟେକ ଉପବିଜେତାଙ୍କୁ ସମାରୋହରେ ମାନପତ୍ର ସହ ୧.୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ପ୍ରଦାନ କରାଯିବ । ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରି ଏକଲବ୍ୟ ପୁରସ୍କାର କମିଟିର ଅଧ୍ୟକ୍ଷ ତଥା ' ଲମ୍ପାକ୍ଟ ' ର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା କହିଛନ୍ତି, ଓଡ଼ିଶାରେ ଅସାର କ୍ରୀଡ଼ା ସମ୍ଭାବନା ରହିଛି ଏବଂ ସୁଦ ଆଥଲେଟ୍ମାନେ ସେମାନଙ୍କର ପ୍ରତ୍ୟ ସ୍ୱାକୃତି ଓ ପ୍ରୋତ୍ସାହନ ପାଇବା ଅତ୍ୟନ୍ତ ଜରୁରୀ । ଟିମି ଉଷ୍ଟାଡ଼ିର ଅଧିକ ସମୟ ଧରି ଏକଲବ୍ୟ ପୁରସ୍କାର ଅଝାଧାରଣ ପ୍ରତିଭାକୁ ସେବେଠୁରେ କରିଆସୁଛି ଏବଂ ଆଗାୟୀ କ୍ରୀଡ଼ାବିତ୍ମାନଙ୍କୁ ଉଚ୍ଚ ଆଶା ରଖିବାକୁ ଅନୁପ୍ରାଣିତ କରିଆସୁଛି । ଏହି ପରମ୍ପରା ମାଧ୍ୟମରେ ଆମେ ସେମାନଙ୍କ ସଫଳତାକୁ ସ୍ୱୀକୃତି ଦେବା ଏବଂ ଆଗାମୀ ପିଢ଼ିକୁ ଲାଢ଼ୟ ପାଇଁ ଅଧିକ କ୍ରୀଡ଼ା ଗୌରବ ଆଣିବାକୁ ଉତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛୁ । ଚୟନ କମିଟି ବୈଠକର କାର୍ଯ୍ୟବାହାକୁ ଏକଲବ୍ୟ ପୁରସ୍କାର କମିଟିର ଆବାହକ ଅଶ୍ୱିନୀ ପ୍ରସାଦ ମହାନ୍ତି ସଂଯୋଜନା କରିଥିଲେ ।

ଶେଷ ମ୍ୟାଚ୍‌ରେ ଭାରତକୁ ମାତ୍‌ଦେଲା ନ୍ୟୁଜିଲାଣ୍ଡ



ନୂଆଦିଲ୍ଲୀ, ୧/୧୧ (ନ୍ୟୁ.ଏ): ଶେଷ ମ୍ୟାଚ୍‌ରେ ଭାରତକୁ ମାତ୍‌ଦେଲା ନ୍ୟୁଜିଲାଣ୍ଡ । ଫଂଟ ରଖା ଅନ୍ତିମ ଟି-୨୦ ମ୍ୟାଚ୍‌ରେ ୭ ୱିକେଟ୍‌ରେ ବିଜୟୀ ହୋଇଛି କିୱି ଟିମ୍ । ଭାରତ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍ ବିନିମୟରେ ୧୯୧ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ମାତ୍ର ୧୮ ଓଭରରେ ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ଧାସଲ କରିଦେଇଛି । ତେବେ ପ୍ରଥମ ତିନିଟି ମ୍ୟାଚ୍ ଜିତିଥିବା ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରୁ ୩-୨ରେ ନିଜ ନାଁରେ କରିଛି । ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ଭାରତର ଆରମ୍ଭ ନିରାଶାଜନକ ଥିଲା । ଦୁଇ ଓପନର ସଞ୍ଜୁ ସାମସନ୍ ଓ ଅଭିଷେକ ଶର୍ମା ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଥିଲେ । ସଞ୍ଜୁ ୧୦ ବଲ୍‌ରୁ ମାତ୍ର ୪ ରନ୍ କରିଥିବା ବେଳେ ଅଭିଷେକ ୨ ବଲ୍‌ରୁ ୧ ରନ୍ କରି ଆଉଟ୍ ହୋଇଥିଲେ । ତେବେ ଏହାପରେ ଇଶାନ କିଶନ ଓ ଶ୍ରେୟସ ଆୟର ଭାରତୀୟ ଇନିଂସକୁ ସମାଜିଥିଲେ । ଇଶାନ ମାତ୍ର ୩୨ ବଲ୍‌ରୁ ୫ ଚୌକା ଓ ୫ ଛକା ସହ ୬୧ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ । ଅନ୍ୟପଟେ ଅଧିନାୟକ ଶ୍ରେୟସ ଆୟର ୨୩ ବଲ୍‌ରୁ ୫୦ ରନ୍ କରିଥିଲେ । ତାଙ୍କ ଇନିଂସରେ ୩ଟି ଚୌକା ଓ ୪ଟି ଛକା ସାମିଲ ଥିଲା । ଏହି ଦୁଇ ବ୍ୟାଟରଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଦେଖି ଭାରତୀୟ ସ୍କୋର ୨୦୦ ରନ୍ ଟପିବ ବୋଲି ଲାଗୁଥିଲା । କିନ୍ତୁ ମଧ୍ୟକ୍ରମରେ ଡିଇକ ଦର୍ମା ମାତ୍ର ୮ ବଲ୍‌ରୁ ୬ ରନ୍ କରି ଆଉଟ୍ ହୋଇଥିଲେ । ନମାନ ଧୀର ୨୩ ବଲ୍‌ରୁ ୩୩ ରନ୍ ଏବଂ ଜାତିଶ କୁମାର ରେଡ୍ଡୀ ୧୭ ବଲ୍‌ରୁ ୨୨ ରନ୍ କରିଥିଲେ । ବୁବନେଶ୍ୱର କୁମାର ୬ ରନ୍ କରିଥିବା ବେଳେ ପ୍ରିନ୍ସ ଯାଦବ ଖାତା ଖୋଲିପାରିନଥିଲେ । ଏହିପରି ଭାରତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୯୧ ରନ୍ କରିଥିଲା । ୧୯୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ନ୍ୟୁଜିଲାଣ୍ଡ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ଦେଖାଇଥିଲା । ଟିମ୍ ସେଫର୍ଟ ଭାରତୀୟ ବୋଲରଙ୍କୁ କୌଣସି ସୁଯୋଗ ନଦେଇ ୫୦ ବଲ୍‌ରୁ ୯୩ ରନ୍‌ର ଦମଦାର ଇନିଂସ ଖେଳିଥିଲେ । ତାଙ୍କ ବ୍ୟାଟିଂ ଭାରତୀୟ ବୋଲିଂ ଆକ୍ରମଣକୁ ଚାପରେ ପକାଇଥିଲା । ଡାରିଲ ମିଚେଲ ମାତ୍ର ୧୬ ବଲ୍‌ରୁ ୨୯ ରନ୍ କରି ଦଳର ରନ୍ ଗତିକୁ ଆଗକୁ ବଢ଼ାଇଥିଲେ । ଏହାପରେ ଗ୍ଲେନ୍ ଫିଲିପ୍ସ ଅପରାଜିତ ୬୫ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ । ସେ ୩୮ ବଲ୍‌ର ସାମ୍ନା କରି ଭାରତୀୟ ବୋଲରଙ୍କ ଉପରେ ଚାପ ସୃଷ୍ଟି କରିଥିଲେ । ଫଳରେ ନ୍ୟୁଜିଲାଣ୍ଡ ୧୮ ଓଭରରେ ୩ ୱିକେଟ ହରାଇ ୧୯୫ ରନ୍ କରି ବିଜୟୀ ହୋଇଥିଲା । ସିରିଜ୍‌ର ପ୍ରଥମ ଟିମିଟି ମ୍ୟାଚ୍ ଜିତି ଭାରତ ଆଗୁଆ ରହିଥିଲା । ହେଲେ ତୃତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୨୫୫ ରନ୍‌ର ବଡ଼ ସ୍କୋର କରି ଭାରତକୁ ୮୭ ରନ୍‌ରେ ହରାଇଥିଲା । ଏବେ ପଂଚମ ମ୍ୟାଚ୍‌ରେ ମଧ୍ୟ ୧୯୨ ରନ୍‌ର ଲକ୍ଷ୍ୟକୁ ସହଜରେ ଛୁଇଁ ଭାରତକୁ ପରାସ୍ତ କରିଛି । ଏହିପରି ଶେଷ ଦୁଇଟି ମ୍ୟାଚ୍ ଜିତି ସିରିଜ୍‌ର ଶେଷ ଭାଗରେ ଜବରଦସ୍ତ କମ୍‌ବ୍ୟାକ୍ କରିଛି କିୱି ଟିମ୍ । ଟି-୨୦ ସିରିଜ୍ ଶେଷ ହୋଇଥିବା ବେଳେ ଏବେ ଉଭୟ ଦଳ ମଧ୍ୟରେ ଦିନିଆ ସିରିଜ୍‌ରୁ ନେଇ ଉତ୍ସାହ ବଢ଼ିଛି । ନରେମ୍ବର ୪ ତାରିଖରୁ ଆରମ୍ଭ ହେବ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ । ଏହି ସିରିଜ୍‌ରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଜଲଖ୍ୟ ଦେଖିବାକୁ ମିଳିବ । ତେଣୁ ଟି-୨୦ରେ ସିରିଜ୍ ଜିତିଥିବା ଭାରତ ଦିନିକିଆରେ ମଧ୍ୟ ବିଜୟ ଧାରା ଜାରି ରଖିବାକୁ ଚାହିଁବ ।

ତୁମର ପ୍ରଧାନମନ୍ତ୍ରୀ ହେବା ପାଳି କେବେ ଆସିବ ନାହିଁ, ରାହୁଲଙ୍କୁ ଅମିତ ଶାହଙ୍କ କଟାକ୍ଷ



ଚଣ୍ଡୀଗଢ଼, ୧/୧୧ (ନ୍ୟୁ.ଏ): ଛେଡ଼ୁ ଗୃହମନ୍ତ୍ରୀ ଅମିତ ଶାହ ଉଦିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ବିରୋଧୀ ଇଣ୍ଡି ମେଂଟ ଉପରେ କଡ଼ା ପ୍ରହାର କରିଛନ୍ତି । ବିହାରରେ ଚାଲିଥିବା ବିରୋଧୀଙ୍କ ଆନ୍ଦୋଳନ ମଧ୍ୟରେ ଶାହ କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କର ପ୍ରଧାନମନ୍ତ୍ରୀ ହେବା ପାଳି କ୍ୱାଡନରେ କେବେ ହେଇ ଆସିବ ନାହିଁ । ଯଦି ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁଛ, ତେବେ ସାରା ଜୀବନ ନଳକି ସଂସଦରେ ବସି ରୁହ, ଦୁଗର ପାଳି ଆସିବ ନାହିଁ ବୋଲି ସେ କହିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ନିର୍ବାଚନୀ ଅନିୟମିତତା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଗୋଟିଏ ଦିନ ପୂର୍ବରୁ ଏକ ପ୍ରତୀକାତ୍ମକ ସଂସଦ ଅଧିବେଶନ ଡକାଇ ସର୍ବସାଧାରଣରେ 'ମହାଭିଯୋଗ' କରାଯିବା ପରେ ଗୃହମନ୍ତ୍ରୀ ଏଭଳି କଟାକ୍ଷ କରିଛନ୍ତି । ବଖ୍ତାରପୁରାରେ ଏକ ସମାବେଶକୁ ସମ୍ବୋଧିତ କରି ଗୃହମନ୍ତ୍ରୀ ନରେମ୍ବର ୧ ତାରିଖରେ ରାଜଧାନୀରେ ରାଲି କରିଥିବାରୁ ରାହୁଲଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ଏହି ଦିନ ରାଲି କରି କଂଗ୍ରେସ ୧୯୮୪ ମସିହାର ଉୟାବହ ଶିଖ ବିରୋଧୀ ଦଙ୍ଗାର ପାଟିତୋମାନଙ୍କ ଷତରେ ନୂନ ଲଗାଇବା ଭଳି କାର୍ଯ୍ୟ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି । ଦଙ୍ଗାରେ ହଜାର ହଜାର ନିରୀହ ଲୋକଙ୍କୁ ହତ୍ୟା କରାଯାଇଥିବା ବୋଲି ସେ କଂଗ୍ରେସକୁ ମନେ ପକାଇ ଦେଇଛନ୍ତି ।

ଦ୍ୱିତୀୟ 'ଏ' ଟେଷ୍ଟ: ଜୁରେଲଙ୍କ ଶତକ



ଶ୍ରୀଷ୍ଟଚ୍ଚି, ୧/୧୧ (ନ୍ୟୁ.ଏ): ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ଦ୍ୱିତୀୟ ଅନେପଚାରିକ ଟେଷ୍ଟରେ ଅଧିନାୟକ ଧ୍ରୁବ ଜୁରେଲ ୧୦୫*ଙ୍କ ଶତକ ବଳରେ ଭାରତ ୩୪୬ ରନ୍ କରିଛି । ଗତକାଲିର ସ୍କୋର ୨୯୧/୭ରୁ ଖେଳ ଆରମ୍ଭ କରିଥିବା ଭାରତ ଏଥିରେ ୬ ରନ୍ ଯୋଡ଼ିବା ପରେ ଜୁରେଲଙ୍କୁ ଫେରାଇଥିଲା । ଏହାପରେ ଆକାଶ ଦୀପ ଚମତ୍କାର ଖେଳି ନିଜର ଅର୍ଦ୍ଧଶତକ ପୂରଣ କରିବା ସହ ମହମ୍ମଦ ସିରାଜ (୧୨ ବଲ୍‌ରୁ ୦)ଙ୍କ ୩୭ ଏବଂ ମୁକେଶ କୁମାର (୨ ବଲ୍‌ରୁ ୫)ଙ୍କ ୧୨ ରନ୍‌ର ଭାଗିଦାରୀ ଗଢ଼ି ଦଳୀୟ ସ୍କୋର ଦେଢ଼ଶହର ନିକଟବର୍ତ୍ତୀ କରିଥିଲେ । ଜବାବରେ ନ୍ୟୁଜିଲାଣ୍ଡ ୧୩ ରନ୍‌ରେ ୩ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲେ । ସେତେବେ ମାଥ୍ୟୁ ଦୋୱଲ (୧୦୮) ଓ ଜିନ୍ ଫଂଜ୍ଫୁ (୮୦) ଅବିଜାଡିତ ଚତୁର୍ଥ ୱିକେଟ୍‌ରେ ୨୦୫ ରନ୍ ଯୋଡ଼ି ଦଳକୁ ଦୃଢ଼ ସ୍ଥିତିରେ ପହଂଚାଇଛନ୍ତି । ଦ୍ୱିତୀୟ ଦିନର ଷଷ୍ଠ ଦେଇକୁ ନ୍ୟୁଜିଲାଣ୍ଡ 'ଏ' ୩ ୱିକେଟ୍ ହରାଇ ୨୧୮ ରନ୍ କରିଛି । ଭାରତ ପକ୍ଷରୁ ମୁକେଶ କୁମାର ୨ ଓ ମହମ୍ମଦ ସିରାଜ ଗୋଟିଏ ୱିକେଟ୍ ନେଇଥିଲେ ।

ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଆପ୍‌କୁ ଝଟ୍‌କା, ଦଳରୁ ଇସ୍ତଫା ଦେଲେ ୨ ବିଧାୟକ



ଚଣ୍ଡିଗଢ଼, ୧/୧୧ (ନ୍ୟୁ.ଏ): ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟି (ଆପ୍)କୁ ବଡ଼ ଝଟ୍‌କା ଲାଗିଛି । ଦଳର ଦୁଇ ଜଣ ବିଧାୟକ ପଟିଆଲାର ସନୌର ବିଧାୟକ ହରମିତ୍ ସିଂହ ପଠାନମାଜରା ଓ ସମାନା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚେତନ ସିଂହ ଜୌରାମାଜରା ଦଳ ଛାଡ଼ି ଦେଇଛନ୍ତି । କୁହାଯାଉଛି ଯେ, ଉଭୟ ବିଧାୟକ ପ୍ରଥମ ଡାଲିକାରେ ସେମାନଙ୍କ ନାମ ସାମିଲ ନ ହେବାରୁ ବିରକ୍ତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ଶନିବାର ଆମ ଆଦମୀ ପାର୍ଟି ବିଧାନସଭା ନିର୍ବାଚନ ପାଇଁ ୪୦ ଜଣ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରିଥିଲା । ଉତ୍ତର ବିଧାୟକଙ୍କ ଇସ୍ତଫା ପରେ, ଆଜି ଚଣ୍ଡିଗଢ଼ରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସାଧାରଣ ସଭାରେ ସେମାନେ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇପାରନ୍ତି ବୋଲି ଜଳ୍ପନାଜଳ୍ପନା ଜୋର ଧରିଛି । ଦୁଇ ବିଧାୟକ ଷ୍ଟାମାଳିକ ଗଣମାଧ୍ୟମରେ ପୋଷ୍ଟ କରି ଏଭଳି ସୂଚନା ଦେଇଛନ୍ତି । ଦୁଇ ବିଧାୟକଙ୍କ ଇସ୍ତଫା ପରେ, ଆପ ପଞ୍ଜାବର ମିଡିଆ ପ୍ରଭାରୀ ବଲତେଜ ପନ୍ନୁ କହିଛନ୍ତି, ଆମ ଆଦମୀ ପାର୍ଟିର ଉତ୍ତର ବିଧାୟକ ଆଜି ଦଳରୁ ଇସ୍ତଫା ଦେଇଛନ୍ତି । ସେମାନଙ୍କ ଲାଖି ଯୋଗୁଁ ଦଳ ପୂର୍ବରୁ ସୋମରସ ହୋଇ ରଖିଥିଲା । ଏବେ ସେମାନେ ବିଜେପିରେ ଯୋଗଦେବେ, କାରଣ ବିଜେପି ଏବେ ପଞ୍ଜାବ ନିର୍ବାଚନ ପାଇଁ ପ୍ରାର୍ଥୀ ଖୋଜିବାରେ ସଂଘର୍ଷ କରୁଛି । ମାର୍ଚ୍ଚ ମାସରେ, ପଞ୍ଜାବ ପୁଲିସ ଛଅ ମାସରୁ ଅଧିକ ସମୟ ଧରି ପଳାତକ ଥିବା ପଞ୍ଜାବ ବିଧାୟକ ହରମିତ୍ ସିଂହ ପଠାନମାଜରାକୁ ଗିରଫ କରିଥିଲା । ବିଧାୟକଙ୍କ ବିରୋଧରେ ଧୃଷ୍ଟମ ଓ ଠକେଇ ଭଳି ଗମ୍ଭୀର ଅଭିଯୋଗ ଥିଲା । ତାଙ୍କୁ ଏକ ଲୋର୍ଡ ପଳାତକ ଘୋଷଣା କରିଥିଲା ।

ରୁଷର ତୈଳ ବିଶୋଧନାଗାର ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ



ନୂଆଦିଲ୍ଲୀ, ୧/୧୧ (ନ୍ୟୁ.ଏ): ରୁଷ-ୟୁକ୍ରେନ୍ ଯୁଦ୍ଧ ଦିନକୁ ଦିନ ଉଗ୍ରରୂପ ନେଇଥିବା ବେଳେ ରୁଷର ଏକ ପ୍ରମୁଖ ତୈଳ ବିଶୋଧନାଗାରକୁ ଟାର୍ଗେଟ୍ କରିଛି ୟୁକ୍ରେନ୍ । ରୁଷର ନିଜ୍ନି ନୋଭଗୋରୋଡ୍ ଅଂଚଳର ଲସଟୋଭୋ ଜିଲ୍ଲାରେ ଥିବା ଏହି ତୈଳ ବିଶୋଧନାଗାର ଉପରେ ରାତିସାରା ଡ୍ରୋନ୍ ଆକ୍ରମଣ ହୋଇଥିବା ନେଇ ରୁଷ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପଟେ, ୟୁକ୍ରେନର ଏହି ଆକ୍ରମଣକୁ ପଣ୍ଡ କରିବା ପାଇଁ ରୁଷର ବାୟୁ ପ୍ରତିରକ୍ଷା ତତ୍ପରତା ୧୦୦ରୁ ଅଧିକ ଡ୍ରୋନ୍ ଧ୍ୱଂସ କରିଥିବା ଦାବି କରିଛି ମସ୍କୋ । ନିଜ୍ନି ନୋଭଗୋରୋଡ୍ ଅଂଚଳର ରାଜ୍ୟପାଳ ଗ୍ଲେବ୍ ନିକିଟିନ୍ କହିଛନ୍ତି ଯେ, ରାତିରେ ହୋଇଥିବା ଡ୍ରୋନ୍ ଆକ୍ରମଣରେ ଲସଟୋଭୋ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି । ତେବେ ପ୍ରାଥମିକ ତିଯୋଡ଼ି ଅନୁଯାୟୀ, ଏହି ଆକ୍ରମଣରେ କୌଣସି ଜୀବନହାନି ହୋଇନାହିଁ । ରୁଷ ପକ୍ଷରୁ ଏହାକୁ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ ବୋଲି କୁହାଯାଇଥିବା ବେଳେ ୟୁକ୍ରେନ୍ ଗଣମାଧ୍ୟମ ନିଜ ସେନା ରୁଷର ଗୁରୁତ୍ୱପୂର୍ଣ୍ଣ ତୈଳ ବିଶୋଧନାଗାରକୁ ସଫଳତାର ସହ ଟାର୍ଗେଟ୍ କରିଥିବା ଦାବି କରିଛି । ରୁଷର ତରିଷ୍ଟ ଅଧିକାରୀ ଆଲେକ୍ଜାଣ୍ଡାର ନୋରାକ୍ ମଧ୍ୟ ଏହି ଆକ୍ରମଣକୁ ନେଇ ପ୍ରତିକ୍ରିୟା ରଖିଛନ୍ତି । ସରକାରୀ ଟେଲିଗ୍ରାମକୁ ସୂଚନା ଦେଇ ସେ କହିଛନ୍ତି ଯେ, ଜିଛି ଦିନର ବିରାମ ପରେ ୟୁକ୍ରେନ୍ ପୁଣି ଥରେ ରୁଷର ଶକ୍ତି ଭିତିଭୂମି ଟାର୍ଗେଟ୍ କରିଛି । ଏହା ପୂର୍ବରୁ ମଧ୍ୟ ୟୁକ୍ରେନ୍ ରୁଷର ତିନୋଟି ତୈଳ ବିଶୋଧନାଗାର ଏବଂ ଗୋଟିଏ ଗ୍ୟାସ୍-କେମିକାଲ୍ ଜମ୍ବୁକ ଉପରେ ଆକ୍ରମଣ କରିଥିବା ସେ ଦାବି କରିଛନ୍ତି । ୨୦୨୨ ଫେବ୍ରୁଆରୀରୁ ଚାଲିଥିବା ରୁଷ-ୟୁକ୍ରେନ୍ ଯୁଦ୍ଧରେ ଶକ୍ତି ଭିତିଭୂମି ଏବେ ଉଭୟ ପକ୍ଷର ମୁଖ୍ୟ ଟାର୍ଗେଟ୍ ପାଲଟିଛି । ରୁଷର ତୈଳ ବିଶୋଧନାଗାର ଓ ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ୍ କରି ୟୁକ୍ରେନ୍ ରୁଷର ଆର୍ଥିକ ଓ ଶକ୍ତି କ୍ଷମତାକୁ ଦୁର୍ବଳ କରିବାକୁ ରଣନୀତି ଅପଣାଇଛି । ଅନ୍ୟପଟେ, ଏହି ଆକ୍ରମଣଗୁଡ଼ିକ ଯୋଗୁଁ ବିଶ୍ୱ ବଜାରରେ ତିଜେଲ୍ ଦର ବୃଦ୍ଧି ପାଉଥିବା ନେଇ ବିଭା ପ୍ରକାଶ କରିଛି ଆମେରିକା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ କିଛି ସପ୍ତାହ ଧରି ଏପରି ଆକ୍ରମଣ ବନ୍ଦ କରିବାକୁ କିୟ୍ ଉପରେ ଚାପ ପକାଇ ଆସୁଛନ୍ତି । ତେବେ ରୁଷର ଶକ୍ତି ଭିତିଭୂମି ଉପରେ ୟୁକ୍ରେନର ଏହି ଆକ୍ରମଣ ମୁହୁର ଗତି ଜେର୍ ଦିଗୁଡ଼ୁ ନେବ, ତାହା ଏବେ ଦେଖିବାକୁ ବାକି ରହିଲା ।

ଇଡି ମାମଲାରେ ଆଜମ୍ ଖାନ୍‌ଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇଲେ କୋର୍ଟ

ଲଖ୍ନୌ: ଗାଜିଆବାଦର ସ୍ୱତନ୍ତ୍ର ପିଏମଏଲଏ କୋର୍ଟ ଉଦିବାର ସମାଜବାଦୀ ପାର୍ଟି (ଏସ୍‌ପି) ନେତା ଆଜମ ଖାନଙ୍କୁ ୧୪ ଦିନିଆ ନ୍ୟାୟିକ ହାଜତକୁ ପଠାଇ ଦେଇଛନ୍ତି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତରିବାର କଡ଼ା ସୁରକ୍ଷା ମଧ୍ୟରେ ଆଜମଙ୍କୁ କୋର୍ଟରେ ହାଜର କରିଥିଲା । ଇଡି ଟିମ୍ ବହିଦ ଅିଆରଓଏସ୍ ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ । କୋର୍ଟଙ୍କ ନିର୍ଦ୍ଦେଶ ପରେ, ତାଙ୍କୁ ତାସନା ଜେଲକୁ ନିଆଯିବ । ମନି ଲଣ୍ଡରିଂ ମାମଲାରେ ଶନିବାର ସନ୍ଧ୍ୟାରେ ରାମପୁର ଜେଲରୁ ମୁକ୍ତ ହେବା ମାତ୍ରେ ଇଡି ଆଜମ ଖାନଙ୍କୁ ଗିରଫ କରିଥିଲା । ଏହା ପରେ ତାଙ୍କୁ ଇଡି ମୁଖ୍ୟାଳୟକୁ ନିଆଯାଇଥିଲା, ଯେଉଁଠାରେ ତାଙ୍କୁ ରାତିସାରା ପଚରାଉଚରା କରାଯାଇଥିଲା । ଏହି ମାମଲା ଜୌହର ବିଶ୍ୱବିଦ୍ୟାଳୟ ନିର୍ମାଣରେ ସରକାରୀ ଅପବ୍ୟବହାର ଅଭିଯୋଗ ସହିତ ଜଡିତ ।

୧୯୮୪ ଶିଖ୍ ବିରୋଧୀ ଦଙ୍ଗାକୁ ନେଇ ଦିଲ୍ଲୀରେ ବିଜେପିର ପ୍ରତିବାଦ ପଦଯାତ୍ରା



ନୂଆଦିଲ୍ଲୀ, ୧/୧୧ (ନ୍ୟୁ.ଏ): କେନ୍ଦ୍ରୀୟ ଗୃହ ରାମାଳୟ ମେମିଳନରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ସ୍ୱତନ୍ତ୍ର ସଙ୍ଗନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ବିରୋଧରେ ଇଣ୍ଡି ମେଂଟ ପକ୍ଷରୁ ମହାସମାବେଶ କରାଯାଉଥିବା ବେଳେ ଏହାର ଜବାବରେ ପଶ୍ଚିମ ଦିଲ୍ଲୀରେ ବିଜେପି ପକ୍ଷରୁ ଏକ ବିଶାଳ ପଦଯାତ୍ରା କରାଯାଇଛି । ୧୯୮୪ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ଶିଖ ସମୁଦାୟ ଉପରେ ହୋଇଥିବା ହି